# ନିର୍ମାଣଧିନ ଭେଣ୍ଡିଂ ଜୋନ୍ ଓ ମାର୍କେଟ କମ୍ପ୍ଲେକ୍ସ ଖତ ଖାଉଛି

ନିମାପଡା,୧୨।୨(ସମିସ):

ନିମାପଡା ଏନ୍ଏସି ପ୍ରଶାସନ ପକ୍ଷରୁ ବଜାରରୁ ଉଚ୍ଛେଦ ହୋଇଥିବା କ୍ଷୁଦ୍ର ବ୍ୟବସାୟୀଙ୍କୁ ଆଜି ପର୍ଯ୍ୟନ୍ତ ଭେଣ୍ଡିଂ ଜୋନ ନ ଦେଇ ବାରମ୍ବାର ଭଣ୍ଡାଇ ଚାଲିଥିବା ନେଇ ଅଭିଯୋଗ ହେଉଛି। ଗତ ୨୦୧୯ ମସିହାରେ ନିମାପଡା ଏନ୍ଏସିର ଡେଲଟା, ବ୍ଲକ ଛକର ସରକାରୀ ଜାଗାରେ କ୍ୟାବିନ ଓ ଆଜବେଷ୍ଟସ ଘର ନିର୍ମାଣ କରି ଛୋଟ ଛୋଟ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ନିମାପଡା ଏନଏସିକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ରାସ୍ତା ପାଶ୍ୱର୍ରେ ଥିବା କ୍ଷୁଦ୍ର ବ୍ୟବସାୟୀମାନଙ୍କ ଦୋକାନ ଘରକୁ ଉଚ୍ଛେଦ କରାଯାଇଥିଲା। ଭଙ୍ଗା ଯିବା ବେଳେ ଉଚ୍ଛେଦ ବ୍ୟବସାୟୀ ମାନଙ୍କୁ ଭେଣ୍ଡିଂ ଜୋନ ଯୋଗାଇ ଦିଆଯିବ ବୋଲି ଏନଏସି ତରଫରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଉଚ୍ଛେଦ ହେବାର ମାସ କେଇଟା ପରେ ଉଚ୍ଛେଦ ବ୍ୟବସାୟୀଙ୍କ ଲାଗି ଡେଲଟା ଛକ, ବ୍ଲକ ଛକରେ ୨୭ଟି ଭେଣ୍ଡିଂଜୋନ ଓ ନିମାପଡା ନୂଆ ବସଷ୍ଟାଣ୍ଡ ପରିସରରେ ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ ହୋଇଥିଲା। ନିର୍ମାଣ ସରିବା ପରେ ତତ୍କାଳୀନ ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସମୀର ରଂଜନ ଦାଶ, ଏନ୍ଏସି ଅଧକ୍ଷା ସସ୍ମିତା ସାହୁ ନିର୍ମିତ ଉକ୍ତ ଭେଣ୍ଡିଂ ଜୋନ ଓ ମାର୍କେଟ କମ୍ପ୍ଲେକ୍ସ ଗୃହ ଗୁଡିକୁ ଗତ ୨୦୨୩ ମସିହା ସେପଟ୍ମ୍ବର ୧ ତାରିଖରେ ଉଦ୍‌ଘାଟନ କରିଥିଲେ। ମାତ୍ର ଦୋକାନୀମାନଙ୍କୁ ଆଜି ପର୍ଯ୍ୟନ୍ତ ଦୋକାନ ଘର ମିଳିନାହିଁ । ତାହାର କିଛି ମାସ ବ୍ୟବଧାନ ପରେ ସାଧାରଣ ନିର୍ବାଚନ ହେଲା। ଏଠାରୁ ବିଜେପିରୁ ପ୍ରାର୍ଥୀ ହୋଇ ପ୍ରଭାତୀ ପରିଡା ବିଜୟୀ ହୋଇ ବିଧାୟିକା ହେବା ସହିତ ରାଜ୍ୟର ଉପ-ମୁଖ୍ୟମନ୍ତ୍ରୀ ହେଲେ। ସରକାର




ବଦଳିଲା, ଏଠାରେ ବିଧାୟକ ମଧ ବଦଳିବା ପରେ ଉଚ୍ଛେଦ ହୋଇଥିବା ବ୍ୟବସାୟୀ ମାନେ ଭେଣ୍ଡିଂଜୋନ ଓ ମାର୍କେଟ କମ୍ପ୍ଲେକ୍ସ ପାଇବା ନେଇ ସେମାନଙ୍କ ମଧରେ ନୂଆ ଆଶା ଦେଖା ଦେଇଥିଲା। କିନ୍ତୁ ବଡ ବିଡମ୍ବନାର ବିଷୟ ସରକାର ବଦଳିବାର ଆଜକୁ ୮ ମାସ ପୁରିଥିଲେ ମଧ ଭେଣ୍ଡିଂଜୋନ

> ନିମାପଡା ଏନଏସିର ଭେଣ୍ଡିଂ ଜୋନ ବଣ୍ଟନରେ ବିଳମ୍ବ
> ଚିନ୍ତାରେ ଦୋକାନ ଘର ହରାଇଥିବା କ୍ଷୁଦ୍ର ବ୍ୟବସାୟୀ

ବଣ୍ଟନ ହୋଇପାରୁନାହିଁ। ଫଳରେ ଏନ୍ଏସି ପ୍ରଶାସନର ରାଜସ୍ୱ ହାନି ଘଟୁଥିବା ବେଳେ ନିର୍ମିତ ଭେଣ୍ଡିଂଜୋନ ଓ ମାର୍କେଟ କମ୍ପ୍ଲେକ୍ସ ନଷ୍ଟ ହେବାରେ ଲାଗିଛି। ଅନ୍ୟପଟେ ଗରିବ କ୍ଷୁଦ୍ର ବ୍ୟବସାୟୀମାନେ ବେରୋଜଗାରୀ ହୋଇ ଦାରିଦ୍ର୍ୟତା ଭିତରେ ପିଲାଙ୍କ ମୁହଁରେ ଦାନା ଯୋଗାଇ ପାରୁ ନ ଥିବା କେତେକ ବ୍ୟବସାୟୀ ଦୁଃଖର ସହିତ କହିଛନ୍ତି। ବାରମ୍ବାର ମାର୍କେଟ ଗୃହ ଓ ଭେଣ୍ଡିଂଜୋନ ବ୍ୟବସାୟୀଙ୍କୁ ବଂଟନ ପାଇଁ ଏନଏସି ପ୍ରଶାସନ ତାରିଖ ପରେ ତାରିଖ ଦେଉଥିବା ବେଳେ ତାହା ଫସର ଫାଟିଯାଉଛି। ଗତ ବର୍ଷ ତଳଅଣ୍ଡିଆ ଛକ ଠାରୁ ଦୋଳବେଦୀ ପର୍ଯ୍ୟନ୍ତ ରାସ୍ତା ସଂପ୍ରସାରଣ ପାଇଁ ସରକାରୀ ଜାଗାରେ ଦୋକାନ କରିଥିବା ଶହ ଶହ ବ୍ୟବସାୟୀଙ୍କ ଦୋକାନ ଗୃହକୁ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ହେବା ପରେ ସେମାନଙ୍କୁ ଭେଣ୍ଡିଂଜୋନ ନିର୍ମାଣ କରାଯାଇ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏପର୍ଯ୍ୟନ୍ତ ଗୋଟିଏ ବି ହେଲେ ଭେଣ୍ଡିଂଜୋନ ନିର୍ମାଣ ହୋଇ ପାରିଲା ନାହିଁ। ଶହ ଶହ ବ୍ୟବସାୟୀ ବେକାର ହୋଇ ବସି ରହିଛନ୍ତି। କେତେକ ବ୍ୟବସାୟୀ ନିଜ ଘରର ଗୁଜୁରାଣ ମେଂଟାଇବା ପାଇଁ ରାସ୍ତା ପାଶ୍ୱର୍ରେ ବାଉଁଶ ପାଲଟାଣି ବସୁଥିବା ବେଳେ ଏନ୍ଏସି ପ୍ରଶାସନ ବାରମ୍ବାର ସେମାନଙ୍କ ପାଲଟଣା ଦୋକାନକୁ ଭାଙ୍ଗି ଦେଉଥିବା ଅଭିଯୋଗ ହୋଇଛି । ଗତ ୧ମାସ ତଳେ ବେକାର ହୋଇ ବସିରହିଥିବା ଶହ ଶହ ବ୍ୟବସାୟୀ ଭେଣ୍ଡିଂଜୋନ ପାଇଁ ବଜାରରୁ ଏକ ଶୋଭାଯାତ୍ରରେ ଯାଇ ନିମାପଡା ଏନ୍ଏସି କାର୍ଯ୍ୟାଳୟ ଘେରଉ ଓ ବିକ୍ଷୋଭ କରିଥିଲେ। ବ୍ୟବସାୟୀଙ୍କ ପାଇଁ କେବେ ନୂଆ ଭେଣ୍ଡିଂଜୋନ ନିର୍ମାଣ ହେବ। ନିର୍ମିତ ହୋଇ ଖତ ଖାଇବାକୁ ବସିଥିବା ଭେଣ୍ଡିଂଜୋନ ବ୍ୟବସାୟୀଙ୍କୁ ବଂଟନ କରାଯିବ ଏନ୍ଏସି ଅଧକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦେଉଥିବା ପ୍ରତିଶୃତିରେ କୌଣସି ତାଳମେଳ ରହୁ ନଥିବାରୁ ଉଚ୍ଛେଦ କ୍ଷୁଦ୍ର ବ୍ୟବସାୟୀ ମାନଙ୍କ ମଧରେ ଅସନ୍ତୋଷ ବଢିବାରେ ଲାଗିଛି। ତୁରନ୍ତ ଭେଣ୍ଡିଂ ଜୋନ ଯୋଗାଇଦେବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି ।

# ଇସାଣପୁର ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟରେ ଲକ୍ଷାଧିକ ଟଙ୍କା ହଡ଼ପ

## ଭିଜିଲାନ୍ସ ଓ ବିଡ଼ିଓଙ୍କ ପାଖରେ ଅଭିଯୋଗ

ନୟାହାଟ,୧୨।୨(ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ଅଞ୍ଚଳ ଇସାଣପୁର ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହେବା ଓ ବେସରକାରୀ ଯାଗାରେ ରାସ୍ତା ନିର୍ମାଣ କରାଯାଇ ବିଲ୍ ହେବା ସମ୍ପର୍କରେ ପୁରୀ ଭିଜିଲାନସ ଓ ଗୋପ ବିଡ଼ିଓଙ୍କ ନିକଟରେ ଇସାଣପୁରର ପୂର୍ବତନ ସରପଞ୍ଚ ପ୍ରଦେଶ କୁମାର ବିଶ୍ୱାଳ ଅଭିଯୋଗ କରିଛନ୍ତି। ଶ୍ରୀ ବିଶ୍ୱାଳଙ୍କ ଅଭିଯୋଗ ଅନୁଯାୟୀ ଗୋପ ବ୍ଲକର ଜଣେ ଯନ୍ତ୍ରୀ ଅସାଧୁ ବ୍ୟକ୍ତିଙ୍କୁ ସାଥୀ କରି ଇସାଣପୁର ପଞ୍ଚାୟତରେ ସରକାରୀ ଓ ବେସରକାରୀ ଯାଗାରେ ଅତ୍ୟନ୍ତ ନିମ୍ନମାନର କାମ କରି ଲକ୍ଷଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ଆମପଡା ଆରଡି ରାସ୍ତା କଦମ୍ବପାଟଣା ଗ୍ରାମରୁ ରାଧା ଦାମୋଦର ମଠକୁ ବିଧାୟକ ଅନୁଦାନ ପାଣ୍ଠିରେ ୩ ଲକ୍ଷ ଟଙ୍କାର କାର୍ଯ୍ୟ ନ ହୋଇ ମିଥ୍ୟା ବିଲ୍ ହୋଇଛି। ସୁଜାଗଡରେ ୨ ଲକ୍ଷ ୫୦ ହଜାର ଟଙ୍କାର କାର୍ଯ୍ୟ ହେବାର ୩ ମାସ ମଧରେ ନଷ୍ଟ ହୋଇଯାଇଥିଲା। କଦମ୍ବପାଟଣା ଗ୍ରାମ ରାଧା ଦାମୋଦର ବିଦ୍ୟାପୀଠ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣରେ ଏଷ୍ଟିମେଣ୍ଟ ଅନୁଯାୟୀ କାମ କରାଯାଇ ନ ଥିବା ବେଳେ ୧୦ ଏମ୍ ରଡ ବ୍ୟବହାର କରାଯାଇଥିବା ବେଳେ ସେହି ଶ୍ରେଣୀ ଗୃହ ମଧରେ ଛାତ୍ର ଛାତ୍ରୀମାନେ ପାଠ ପଢିବାକୁ ନିରାପଦ ମନେ କରୁ ନାହାନ୍ତି। ଏ ସମ୍ପର୍କ ରେ ଗୋପ ବିଡ଼ିଓ ଛବିରାଣୀ ସାହୁଙ୍କୁ ପଚାରିବାରେ ସେ କହିଥିଲେ ଯେ ପଦ୍ମ ପୋଖରୀ ଦଳେଇ ସାଇ ନିକଟରେ ଯେଉଁ ରାସ୍ତା ନିର୍ମାଣ ହେବାକୁ ଯାଉଛି ତାହା ରାଜନୀତି ବିବାଦ ଯୋଗୁ ବନ୍ଦ ରହିଛି। ୨୦୧୨ ମସିହାରେ କେତକ ବ୍ୟକ୍ତି ପଞ୍ଚାୟତ ନାମରେ ଦଉପତ୍ର କରିଥିଲେ। କଦମ୍ବ ପାଟଣା ମଠକୁ ବେସରକାରୀ ଯାଗାରେ ନିର୍ମାଣ ହୋଇଥିବା ଜାଗାକୁ ଜାଗା ମାଲିକ ଭାଙ୍ଗି ଦେଇଥିବା ବେଳେ ଉକ୍ତ ରାସ୍ତା ବିଲ୍ କରାଯାଇ ନାହିଁ ବୋଲି ବିଡ଼ିଓ କହିଛନ୍ତି। ତହସିଲଦାର ଓ ଆରଆଇ ଜାଗା ମାପ କରି ବେସରକାରୀ ଜାଗାକୁ ବାଦ୍ ଦେଲା ପରେ ସରକାରୀ ଯାଗାରେ ନିର୍ମାଣ ହୋଇଥିବା କାମ ବିଲ୍ କରାଯିବ ଉକ୍ତ ଅଭିଯୋଗ ପୁରୀ ଜିଲ୍ଲାପାଳ, ପଞ୍ଚାୟତରାଜ ମନ୍ତ୍ରୀଙ୍କୁ ଇମେଲ ଯୋଗେ ଅଭିଯୋଗ ହୋଇଛି।

# ଇକୋ କ୍ଲବ୍ ତରଫରୁ ପ୍ରକୃତି ଶିବିର

କୁଣ୍ଢେଇ/ଗମ୍ଭାରୀପଦା,୧୨।୨(ସମିସ)




ବରୁଣେଇ ଉଚ୍ଚ ବିଦ୍ୟାଳୟ, ପାଟପୁରର ଇକୋ କ୍ଲବ୍ ତରଫରୁ ଏକ ପ୍ରକୃତି ଶିବିର ଅନୁଷ୍ଠିତ ହୋଇଯାଇଛି। ପୁରୀର ବାଲୁଖଣ୍ଡ ଅଭୟାରଣ୍ୟ ନିକଟସ୍ଥ ନୂଆନଈ ନିକଟରେ ଆୟୋଜିତ ଏହି ଶିବିରରେ ବିଦ୍ୟାଳୟର ୫୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ ନାଚଗୀତ, ନାଟକ, ଚିତ୍ରାଙ୍କନ ଓ ତର୍କ ପ୍ରତିଯୋଗିତା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି ଶିବିରରେ ଓଡିଶା ପରିବେଶ ଶିକ୍ଷା କେନ୍ଦ୍ରର ପ୍ରାକ୍ତନ ପ୍ରକଳ୍ପ ଅଧିକାରୀ ଅର୍ଜୁନ କୁମାର ବିଶ୍ୱାଳ ଯୋଗ ଦେଇ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ସହିତ ଏଥିରୁ ରକ୍ଷାପାଇବା ପାଇଁ ପରିବେଶ ସୁରକ୍ଷାର ଆବଶ୍ୟକତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଇଥିଲା। ଏଥସହିତ ପ୍ଲାଷ୍ଟିକ ନିର୍ମିତ ଦ୍ରବ୍ୟ ଗୁଡ଼ିକୁ ବର୍ଜନ କରିବା ସହିତ ପ୍ଲାଷ୍ଟିକ ବ୍ୟାଗ ବଦଳରେ କପଡା ନିର୍ମିତ ବ୍ୟାଗ୍ ବ୍ୟବହାର କରିବାପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ପରିବେଶର ସୁରକ୍ଷା ସହ ପ୍ଲାଷ୍ଟିକ ବର୍ଜନ କରିବା ପାଇଁ ଛାତ୍ରଛାତ୍ରୀ ମାନେ ଶପଥ ପାଠ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ରଥଙ୍କର ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଶିକ୍ଷକ ଶଶାଙ୍କ ଶେଖର ନାୟକ ଓ ଶିକ୍ଷୟିତ୍ରୀ ଆଶାପୂର୍ଣ୍ଣା ରାଉତ ସହଯୋଗ କରିଥିଲେ।

# ପଣ୍ଡିତ ଗଦାଧର ପୁରୋହିତଙ୍କ ୨୦ତମ ଶ୍ରାଦ୍ଧ ବାର୍ଷିକ ସଭା



କଣାସ,୧୨।୨(ସମିସ): କଣାସ ବ୍ଲକ କଣାସ ପଞ୍ଚାୟତର ଡିମିରି ଗ୍ରାମରେ ଜନ୍ମଗ୍ରହଣ କରିଥିବା ପଣ୍ଡିତ ଗଦାଧର ପୁରୋହିତଙ୍କ ୨୦ତମ ଶ୍ରାଦ୍ଧ ସ୍ମୃତିଚାରଣ ସଭା ବୁଧବାର ପାଳିତ ହୋଇଯାଇଛି। ଶିକ୍ଷାବିତ ପ୍ରଶାନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପାଲା ଗାୟକ ସୁଦର୍ଶନ ମହାପାତ୍ର, ପାଲା ଗାୟକ ଡ. ମିହିର କୁମାର ଆଚାର୍ଯ୍ୟ, ନାଟ୍ୟ ଗୌରବ ବିଭୂତିଭୂଷଣ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ଶିକ୍ଷାବିତ କରୁଣାକର ମହାପାତ୍ର, ଶିକ୍ଷାବିତ ସତ୍ୟପ୍ରିୟ ପ୍ରଧାନ, ଶିକ୍ଷାବିତ କସ୍ତୁରୀ ଚରଣ ଚମ୍ପତି, ଶିକ୍ଷାବିତ ମୃତ୍ୟୁଞ୍ଜୟ ବଡଜେନା, ପ୍ରଦିପ କୁମାର ସ୍ୱାଇଁ, ପରିବେଶବିତ ମହେଶ୍ୱର ପରିଡା, ଶିକ୍ଷକ ନେତା ରମେଶ ଚନ୍ଦ୍ର ଉତ୍ତରକବାଟ ଅତିଥି ଭାବେ ଯୋଗଦେଇ ପଣ୍ଡିତ ଗଦାଧର ଶେଷ ଜୀବନ ପର୍ଯ୍ୟନ୍ତ ଓଡିଆ ଭାଷା ସଂସ୍କୃତି ପ୍ରଚାର ପ୍ରସାର ପାଇଁ କାର୍ଯ୍ୟ କରୁଥିବା ମତବ୍ୟକ୍ତ କରିଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ କରୁଣାକର ମହାପାତ୍ର, ପାଲା ଗାୟକ ଅମରେନ୍ଦ୍ର ପଟ୍ଟନାୟକ, ପରିବେଶବିତ ମହେଶ୍ୱର ପରିଡା, ଶିକ୍ଷକ ସତ୍ୟପ୍ରିୟ ପ୍ରଧାନଙ୍କୁ ପଣ୍ଡିତ ଗଦାଧର ପୁରୋହିତ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ତୃତୀୟ ଓ ପଞ୍ଚମ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୨୯ ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର , ସିଲ, ପୁଷ୍ପଗୁଚ୍ଛ ଓ ଗୋଟିଏ ଗଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱର୍ଗତ ଗଦାଧରଙ୍କର କନ୍ୟା ଅର୍ଚ୍ଚନା ପୁରୋହିତ ଏବଂ ସମାଜସେବୀ ଶ୍ରୀକାନ୍ତ ପଟ୍ଟଯୋଶୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ହରିଜନ ଶ୍ରମିକଙ୍କୁ ମାଡ଼ ଘଟଣା

# ୫ ଜଣ ନାମରେ ମକଦ୍ଦମା ରୁଜୁ

ନୟାହାଟ,୧୨।୨(ସମିସ): ରାସ୍ତା କାମ କରିବାକୁ ଆସିଥିବା ହରିଜନ ଶ୍ରମିକ ରାଜୀବ କୁମାର ଦାସଙ୍କୁ ମାଡ ମାରିବା ଘଟଣାରେ ଗୋପ ଥାନାରେ ୫ ଜଣଙ୍କ ନାମରେ ମକଦ୍ଦମା ରୁଜୁ ହୋଇଛି। ପ୍ରକାଶଥାଉକି ନୟାହାଟ ଫାଣ୍ଡି ଅନ୍ତର୍ଗତ ଇସାଣପୁର ପଞ୍ଚାୟତ ପଦ୍ମ ପୋଖରୀ ନିକଟସ୍ଥ ଦଳେଇ ସାହି ଗ୍ରାମକୁ ରାସ୍ତା ନିର୍ମାଣ କରିବାକୁ ସରପଞ୍ଚ ବିନୋଦିନୀ ପାଳ କିଛି ଶ୍ରମିକଙ୍କୁ ନେଇ ଗତ ୫ ତାରିଖରେ ଯାଇଥିଲେ। ସେଠାରେ ଦଳେଇ ସାହିର ୩ ଜଣ ଓ ଦେସୁଣ୍ଡିର ତ୍ରିଲୋଚନ ସ୍ୱାଇଁ ଏବଂ ମହନୀପୁରର ତ୍ରିଲୋଚନ ପରିଡ଼ା ଶ୍ରମିକ ରାଜୀବଙ୍କୁ ମାଡ ମାରି ତାଙ୍କଠାରୁ ଜିନିଷପତ୍ର ଛଡ଼ାଇ ନେଇଥିଲେ। ଏନେଇ ନୟାହାଟ ଫାଣ୍ଡିରେ ଅଭିଯୋଗ ହେବାରେ ଫାଣ୍ଡି ଅଧିକାରୀ ଅଶୋକ ବେହେରା ତଦନ୍ତ କରିଛନ୍ତି। ଅପରପକ୍ଷରେ ତ୍ରିଲୋଚନ ପରିଡ଼ା ସରପଞ୍ଚଙ୍କ ନାମରେ ପାଲଟା ଅଭିଯୋଗ ଆଣିବାରେ ଗୋପ ଥାନାରେ ଆଉ ଏକ ମାମଲା ରୁଜୁ ହୋଇଛି।

# ମହୁମାଛି ଆକ୍ରମଣରେ ୧୦ରୁ ଊର୍ଦ୍ଧ୍ୱ ଆହତ

ନିମାପଡା,୧୨।୨(ସମିସ): ନିମାପଡା କୁଶଭଦ୍ରା ନଦୀ ବ୍ରିଜଠାରେ ବୁଧବାର ସକାଳ ପ୍ରାୟ ୯ଟା ସମୟରେ ବାଘୁଆ ମହୁମାଛିଙ୍କ ଆକ୍ରମଣରେ ପ୍ରାୟ ୧୦ ରୁ ଉଦ୍ଧର୍ ଲୋକ ଆହତ ହୋଇଛନ୍ତି। ସକାଳେ ବ୍ରିଜ ଦେଇ ଲୋକେ ଯାଉଥିବା ବେଳେ ହଠାତ ପଲପଲ ହୋଇ ବାଘୁଆ ମହୁମାଛି ନଦୀ ବନ୍ଧରେ ଥିବା ଗଛରୁ ଉଡିଆସି ସେମାନଙ୍କୁ ଆକ୍ରମଣ କରିଥିଲେ। ମହୁମାଛି ଆକ୍ରମଣରୁ ବର୍ତ୍ତିବା ପାଇଁ ଲୋକେ ଜୀବନ ବିକଳରେ ବାଇକ ଓ ସାଇକେଲ ରାସ୍ତାରେ ଫୋପାଡି ଏଣେତେଣେ ଦୌଡିଥିଲେ। ମହୁମାଛି ଆକ୍ରମଣରେ ରାଜ କିଶୋର ସାହୁ, ରାମଚନ୍ଦ୍ର ବେହେରା, କାର୍ତ୍ତିକ ମହାରଣାଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନେ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି।

# ରେଡ଼ିଓ ନମସ୍କାରର ୧୫ତମ ପ୍ରତିଷ୍ଠା ଦିବସ

କୋଣାର୍କ,୧୨।୨(ସମିସ): ବୁଧବାର ଓଡ଼ିଶାର ପ୍ରଥମ ଗୋଷ୍ଠୀ ବେତାରକେନ୍ଦ୍ର ରେଡ଼ିଓ ନମସ୍କାର ତା'ର ୧୫ତମ ପ୍ରତିଷ୍ଠା ଦିବସ ପାଳନ କରିଛି । ୨୦୧୦ ଫେବୃଆରୀ ୧୨ ତାରିଖରେ ରେଡ଼ିଓ ନମସ୍କାର ତା'ର ପ୍ରଥମ ପ୍ରସାରଣ ଆରମ୍ଭ କରିଥିଲା । ଏହି ସମୟାବଧି ମଧ୍ୟରେ ରେଡ଼ିଓ ନମସ୍କାର ସାଧାରଣ ଲୋକଙ୍କ ସ୍ୱର ପାଲଟିଥିବା ପ୍ରତିଷ୍ଠା ଦିବସ ଅବସରରେ ଉପସ୍ଥିତ ଗ୍ରାମବାସୀ ମତବ୍ୟକ୍ତ କରିଛନ୍ତି । ରେଡ଼ିଓ ନମସ୍କାର ସମାଜର ତୃଣମୂଳସ୍ତରରେ ସରକାରଙ୍କ ପ୍ରତିଟି ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ସାଧାରଣ ଲୋକେ ନିଜର ମୌଳିକ ତଥା ନ୍ୟାୟିକ ଅଧିକାରକୁ ସାବ୍ୟସ୍ତ କରିବା ଦିଗରେ ସ୍ୱର ଉତ୍ତୋଳନ କରି ଶିଖିବା, ନାରୀ ସଶକ୍ତିକରଣ, ଶିଶୁ ଅଧିକାର, ନାଗରିକମାନଙ୍କ ମତଦାନ ଅଧିକାର, ଯୁବ ସଶକ୍ତିକରଣ, ଘରୋଇ ହିଂସା, ବରିଷ୍ଠ ନାଗରିକମାନେ ସସମ୍ମାନେ ବଞ୍ଚିବା, ସେମାନଙ୍କ ଅଧିକାର ପାଇଁ ଲଢ଼ିବା, ବାଲ୍ୟ ବିବାହ,କନ୍ୟା ରତ୍ନ କର ଯତ୍ନ, ଭ୍ରୁଣ ହତ୍ୟା, ଶିଶୁ ଶ୍ରମିକ ପ୍ରଥା, ବାତ୍ୟା ଓ ବନ୍ୟା ସମୟରେ ୨୪ଘଣ୍ଟିଆ ସୂଚନା ପ୍ରସାରଣ କରିବା ଏବଂ ଲୋକ କଳା, ଲୋକ ସଂସ୍କୃତି, ଲୋକଗୀତ ଓ ଅନ୍ୟାନ୍ୟ ସଚେତନତାଧର୍ମୀ କାର୍ଯ୍ୟକ୍ରମ ପ୍ରସାରଣ କରି ଖାଲି ଓଡିଶା ନୁହେଁ ବରଂ ସାରାଦେଶରେ ସୁନାମ ଅର୍ଜନ କରିପାରିଛି । ପ୍ରଭାବୀ ଓ ଲୋକାଭିମୁଖୀ ପଦକ୍ଷେପ ନିମନ୍ତେ ରେଡିଓ ନମସ୍କାର ଭାରତ ସରକାରଙ୍କ ଦ୍ୱାରା ୬ ଥର ଜାତୀୟ ସମ୍ମାନ ପ୍ରାପ୍ତ ହୋଇଛି । ଏଥିସହ ରେଡ଼ିଓ ନମସ୍କାର ଆନ୍ତର୍ଜାତିକସ୍ତରରେ ମଧ୍ୟ ଅନେକ ସମ୍ମାନ ପାଇଛି । ଦେଶ ବିଦେଶର ଅନେକ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ରେଡ଼ିଓ ନମସ୍କାରର କାର୍ଯ୍ୟଧାରା ଓ ପ୍ରଭାବ ଉପରେ ଗବେଷଣା ମଧ କରିସାରିଛନ୍ତି ବୋଲି ରେଡ଼ିଓ ନମସ୍କାରର



ଅଧକ୍ଷ ତଥା ଗୋଷ୍ଠୀ ଗଣମାଧ୍ୟମ ବିଶେଷଜ୍ଞ ଏନ.ଏ.ଶାହାଃ ଅନସାରୀ କହିଛନ୍ତି । ପ୍ରଭାବଶାଳୀ ଓ ଲୋକାଭିମୁଖୀ ପଦକ୍ଷେପ ନିମନ୍ତେ ରେଡ଼ିଓ ନମସ୍କାର ଭାରତ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ଅଗ୍ରଣୀ କମ୍ୟୁନିଟି ରେଡ଼ିଓ ଭାବେ ଘୋଷିତ ହୋଇଛି ବୋଲି ରେଡ଼ିଓ ନମସ୍କାରର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ୍ ପ୍ରଧାନ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ।

# ତମ୍ପାଲୋ-ପୋଦନା ରାସ୍ତା ପାଲଟିଛି ମରଣଯନ୍ତା



ଚାରିଛକ,୧୨।୨(ସମିସ): ଚାରିଛକ ନିକଟସ୍ଥ ତମ୍ପାଲୋ ପଞ୍ଚାୟତ ଅନ୍ତର୍ଗତ ତମ୍ପାଲୋ–ଝାମ୍ପୁଲାକୁଦ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକରୁ ପୋଦନା ଗ୍ରାମକୁ ସଂଯୋଗ କରିଥିବା ଦେଢ କିଲୋମିଟର ରାସ୍ତା ବର୍ତ୍ତମାନ ପାଲଟିଛି ମରଣଯନ୍ତା । ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଉକ୍ତ ରାସ୍ତାଟି ୨୦୦୫ ମସିହାରେ ୫ଶହ ମିଟର, ୨୦୦୯ ମସିହାରେ ୫ଶହ ମିଟର ଓ ୨୦୧୩ ମସିହାରେ ୫ଶହ ମିଟର ୩ଟି ପର୍ଯ୍ୟାୟରେ ସିମେଂଟ କଂକ୍ରିଟ ରାସ୍ତାକାର୍ଯ୍ୟ କରାଯାଇଥିଲା। ଦୀର୍ଘ ୨୦ ବର୍ଷ ହେଲା ଝଡବର୍ଷା, ବନ୍ୟା, ବାତ୍ୟାରେ ଏହି ରାସ୍ତା ଧୋଇ ହୋଇଥିଲେ ମଧ ଏହି ରାସ୍ତାରେ ମାଟି ମୁଠାଏ ସୁଧା ପଡିନି। ଏହି ରାସ୍ତାଦେଇ ଦୈନନ୍ଦିନ ସ୍କୁଲ ଛାତ୍ରଛାତ୍ରୀ, ରୋଗୀ, ବ୍ୟବସାୟୀମାନେ ଯାତାୟତ କରିଥାନ୍ତି। ମାତ୍ର ଗତ କିଛିଦିନ ହେବ ରାସ୍ତାର ମରାମତି ଅଭାବରୁ ବର୍ତ୍ତମାନ ଏହି ରାସ୍ତାଟି ପାଲଟିଛି ମରଣଯନ୍ତା। ରାସ୍ତାଟିର ଅବସ୍ଥା ଏଭଳି ହୋଇଛି ଯେ ଗ୍ରାମକୁ ଅଗ୍ନିସେବା ଗାଡି ଓ ୧୦୮ ଆମ୍ବୁଲାନ୍ସ ଭଳି ଜରୁରୀ କାଳୀନ ସେବା ଗାଡି ପହଂଚିବା କଷ୍ଟସାଧ୍ୟ ହୋଇପଡିଛି। ଉକ୍ତ ରାସ୍ତାକୁ ତୁରନ୍ତ ମରାମତି କରିବାକୁ ଗ୍ରାମର ପବିତ୍ର ରାଉତ, ବଟକୃଷ୍ଣ ରାଉତ, ଶଙ୍କର ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ, ପ୍ରକାଶ ପ୍ରଧାନ, ଦୁଃଶାସନ ରାଉତ, କାଳନ୍ଦୀ ରାଉତଙ୍କ ସମେତ ଗ୍ରାମବାସୀମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆର୍କଷଣ କରିଛନ୍ତି ।

# ଜାତୀୟ ରାଜପଥରେ ନାହିଁ ଗୋଷ୍ଠୀ ଶୌଚାଳୟ

ପିପିଲି,୧୨।୨(ସମିସ): ଜାତୀୟ ରାଜପଥର ପ୍ରଶସ୍ତୀକରଣ ଓ ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ସେହି ଅନୁଯାୟୀ ଯାତ୍ରୀଙ୍କ ଠାରୁ ଟୋଲ ଫି ମଧ୍ୟ ଆଦାୟ କରାଯାଉଛି। ମାତ୍ର ଯାତ୍ରୀଙ୍କ ମୌଳିକ ସୁବିଧା ପ୍ରତି ଜାତୀୟ ରାଜପଥ ବିଭାଗର ଧ୍ୟାନ ରହୁନି। ଭୁବନେଶ୍ୱର-ପୁରୀ ୩୧୬ନମ୍ବର ଜାତୀୟ ରାଜପଥର ଭୁବନେଶ୍ୱରଠାରୁ ପୁରୀ ମଧ୍ୟରେ ରାଜପଥ ପାଶ୍ୱର୍ରେ କୌଣସି ସ୍ଥାନରେ ଗୋଷ୍ଠୀ ଶୌଚାଳୟ ନାହିଁ। ରାଜପଥରେ ଯାତାୟତ କରୁଥିବା ଯାତ୍ରୀମାନେ ନିଜର ମୌଳିକ ସୁବିଧା ପାଇଁ ବହୁ ହଇରାଣ ହରକତ ହେଉଛନ୍ତି। ବିଶେଷକରି ଝିଅ ଓ ମହିଳାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାଜପଥ ଉପରେ ଓଡିଶାର ପ୍ରତ୍ୟେକଟି କୋଣଅନୁକୋଣରୁ ତଥା ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ଗାଡି ଦୈନିକ ଯାତାୟତ କରୁଛି। ସେଥିରେ ଯାଉଥିବା ଯାତ୍ରୀ ମାନଙ୍କୁ କୌଣସି ସମୟରେ ପରିସ୍ରା କିମ୍ବା ଶୌଚ ଲାଗିଲେ ଉପାୟଶୂନ୍ୟ ହୋଇପଡନ୍ତି। ଏମାନେ ବାଧ୍ୟ ହୋଇ ପେଟ୍ରୋଲ ଟାଙ୍କି କେଉଁଠି ଅଛି ଖୋଜନ୍ତି। ପେଟ୍ରୋଲ ଟାଙ୍କିରେ ଗୋଟିଏ ପୁରୁଷ ଏବଂ ମହିଳା ମାନଙ୍କ ପାଇଁ ସୁବିଧା ଥାଏ। ତଥାପି ବହୁ ହଇରାଣ ହେବାକୁ ପଡିଥାଏ। ପିପିଲି ଟୋଲ ପ୍ଲାଜା ନିକଟରେ ଯଦିଓ ସିଙ୍ଗିଲ (ପୁରୁଷ ଓ ମହିଳା)ମାନଙ୍କ ପାଇଁ ଶୌଚାଳୟ ରହିଛି ତାହା ସମ୍ମୁଖ ବ୍ୟବସାୟୀ ମାନଙ୍କ ଜବରଦଖଲ ଯୋଗୁଁ ବାହାରକୁ ଜଣାପଡୁନି। ପୁନଶ୍ଚ ଉକ୍ତ ଶୌଚାଳୟକୁ ଯିବା ପାଇଁ ମହିଳା ଯାତ୍ରୀମାନେ ଦିନରେ ବି ଭୟ କରୁଛନ୍ତି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଉପରେ ଶୌଚାଳୟ ନିର୍ମାଣ କରିବାର ଦାୟିତ୍ୱ ନ୍ୟସ୍ତ ରହିଥିବା ବେଳେ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନି। ତେଣୁ ଏ ଦିଗରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଯାତ୍ରୀଙ୍କ ସୁବିଧା ପାଇଁ ରାଜପଥ ପାଶ୍ୱର୍ରେ ଗୋଷ୍ଠି ଶୌଚାଳୟ ନିର୍ମାଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ହଇରାଣ ହେଉଛନ୍ତି ମହିଳା ଯାତ୍ରୀ

● ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା

# ମିଶନ ସଫଳ ପାଇଁ ସଂକଳ୍ପ ନେଲେ ଅଭିଭାବକ ଓ ଶିକ୍ଷକ

କୋଣାର୍କ,୧୨।୨(ସମିସ): କୋଣାର୍କ ନିକଟ ସାରଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୋପ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଗୋପ ବ୍ଲକ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋପ ପଞ୍ଚାୟତ ସମିତି ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ, ଗୋପ



ବିଡିଓ ଛବିରାଣୀ ସାହୁ, ଏବିଇଓ ବିନୋଦିନୀ ମହାପାତ୍ର, ପୁଷ୍ପମିତ୍ରା ମିଶ୍ର ଓ ଅଶୋକ କୁମାର ବେହେରା ଅତିଥିରୂପେ ଯୋଗଦେଇ ମେଳାରେ ଉପସ୍ଥିତ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଜାତୀୟ ଶିକ୍ଷାନୀତି - ୨୦୨୦ ଆଧାରିତ ନିପୁଣ ଓଡ଼ିଶା ମିଶନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧନ ଦିଗରେ ଯତ୍ନବାନ ହେବାପାଇଁ ପରାମର୍ଶ ଦେଇଥିଲେ। ସାରଡା ୟୁଜିୟୁପିଏସ୍ କ୍ଲଷ୍ଟର ସିଆରସିସି ସ୍ମୃତିରେଖା ବରାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିପୁଣ ଓଡ଼ିଶା ମେଳାରେ ନିର୍ମିତ ଷ୍ଟଲଗୁଡିକରେ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଓ ସୃଜନାତ୍ମକ କାର୍ଯ୍ୟକଳାପ ସଂପର୍କିତ ଶିକ୍ଷଣ ସାମଗ୍ରୀ ଓ ଶିକ୍ଷଣ ପ୍ରକ୍ରିୟା ପ୍ରଦର୍ଶନ କରାଯାଇଥିଲା। ଏହାବାଦ୍ ଏକ ମତାମତ ଷ୍ଟଲରେ ମେଳା ସଂପର୍କରେ ଅଭିଭାବକ, ଶିକ୍ଷକ ଓ ପଞ୍ଚାୟତରାଜ ପ୍ରତିନିଧି ନିଜସ୍ୱ ମତାମତ ଉପସ୍ଥାପନ କରିଥିଲେ। ସାରଡା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ପ୍ରାଥମିକ ବିଦ୍ୟାଳୟର ଏଫଏଲ୍ଏନ ଶିକ୍ଷକ ଶିକ୍ଷୟିତ୍ରୀ, ବ୍ଲକ ଅନ୍ତର୍ଗତ ୨୦ଟି କ୍ଲଷ୍ଟରରୁ ସମସ୍ତ ସିଆରସିସି ଓ ଏଫ୍ଏଲ୍ଏନ ଶିକ୍ଷକ ଏହି ମେଳାରେ ଯୋଗଦେଇ ଆୟୋଜିତ ଷ୍ଟଲଗୁଡିକରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସଂପର୍କିତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଉପସ୍ଥିତ ଅତିଥି, ପଞ୍ଚାୟତରାଜ ପ୍ରତିନିଧି, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ନିପୁଣ ଓଡ଼ିଶା ମିଶନ ସଂଗୀତ ଗାନ କରିବା ସହିତ ମିଶନକୁ ସଫଳ କରିବା ନିମନ୍ତେ ସମୂହ ଶପଥପାଠ କରିଥିଲେ। କୃତୀ ଏଫ୍ଏଲ୍ଏନ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସାରଡା ୟୁଜିୟୁପିଏସ୍ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଦାସ, ଶିକ୍ଷକ ରାଜେଶ ନାୟକ, ଶିକ୍ଷୟିତ୍ରୀ ତୃପ୍ତିମୟୀ ବେହେରା ଓ ସୌଭାଗିନୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀ

# ସେବା, ସାହିତ୍ୟ ଓ ତ୍ୟାଗ ପାଇଁ ସତ୍ୟବାଦୀ ଦେଶର ମଉଡମଣି

ସାକ୍ଷୀଗୋପାଳ,୧୨।୨( ସମିସ):

ରାଜ୍ୟସ୍ତରୀୟ ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀ ନିଜସ୍ୱ ଗ୍ରାମ ତଥା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ଓଡିଶା ସାହିତ୍ୟ ଏକାଡେମୀ ଓ ଆଚାର୍ଯ୍ୟ ଯୁବ ପରିଷଦର ମିଳିତ ସହଯୋଗରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଗ୍ରାମର ୧୮ ଜଣ ଯୁବକ ରକ୍ତଦାନ କରିଥିଲେ । ସନ୍ଧ୍ୟାରେ ଏକ ସାରସ୍ୱତ ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଅତିଥି ମାନେ ଗ୍ରାମରେ ଥିବା ପଣ୍ଡିତ ନୀଳକଣ୍ଠ ଦାଶ, ଆଚାର୍ଯ୍ୟ ହରିହର ଦାସ ଓ ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପିଲାମାନଙ୍କ ଦ୍ୱାରା ବେଦ ଓ ଭାଗବତ ପାଠ କରାଯାଇଥିଲା । ଅନୁଷ୍ଠିତ ସଭାରେ ସାହିତ୍ୟକ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଓଡିଶା ସାହିତ୍ୟ ଏକାଡେମୀର



## ଓଡିଆ ଅସ୍ମିତାର ତୀର୍ଥଭୂମି ହେଉଛି ଶ୍ରୀରାମଚନ୍ଦ୍ରପୁର

ସଂଜୟ ଭାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ପଦ୍ମଶ୍ରୀ ପ୍ରଫେସର ଡ. ଅଶୋକ କୁମାର ମହାପାତ୍ର ଯୋଗଦେଇ ଭାରତ ବର୍ଷର ସତ୍ୟବାଦୀ ହେଉଛି ମଉଡମଣି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ସୀତେଶ ତ୍ରିପାଠୀ, ସାହିତ୍ୟକ ଡକ୍ଟର ଦିଲ୍ଲୀପ କୁମାର ସ୍ୱାଇଁ, ଉତ୍କଳ ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାଶ ପ୍ରମୁଖ ଯୋଗଦେଇ ସତ୍ୟବାଦୀର ପଞ୍ଚସଖାଙ୍କ ମଧ୍ୟରେ ଆଚାର୍ଯ୍ୟ ହରିହର ଦାସ ଥିଲେ ଶେଷ ଦୀପଶିଖା । ସେ ଏକାଧାରରେ ଥିଲେ ବିପ୍ଳବୀ, ଜନସେବୀ ଓ ସାହିତ୍ୟ ସେବୀ । ତାଙ୍କର କର୍ମ ହିଁ ଥିଲା କାବ୍ୟ, ମାନବସେବା ହିଁ ଥିଲା ଭଗବତ ସେବା ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଆଚାର୍ଯ୍ୟ ଯୁବ ପରିଷଦ ପକ୍ଷରୁ ଆଚାର୍ଯ୍ୟ ହରିହର ସମ୍ମାନରେ ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ରଙ୍କୁ ଉପଢ଼ୌକନ ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ଉତ୍କଳ ସ୍ୱାଭିମାନ ମଞ୍ଚ ପକ୍ଷରୁ ସେବା ସମ୍ମାନରେ ଶ୍ରୀ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମନୋଜ ରଥ, ଆଇନଜୀବୀ ସୁଶାନ୍ତ କୁମାର ରଥ, ସମାଜସେବୀ, ସାହିତ୍ୟକ ରବୀନ୍ଦ୍ର ନାଥ ଷଡଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଲଡୁବାବାଙ୍କ ପୀଠରେ ମହା ଶିବରାତ୍ରୀ

## ରାତି ୧୨ଟାରେ ଉଠିବ ମହାଦୀପ

**ଶରଣକୁଳ,୧୨।୨(ସମିସ):** ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବାଙ୍କର ମହା ଶିବରାତ୍ରୀ ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହାର ସୁପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଡାକବଙ୍ଗଳାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ କର୍ଣ୍ଣଦେବ ସମାଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଠାକୁରଙ୍କ ନୀତିକାନ୍ତି, ଯାତ୍ରୀଦର୍ଶନ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ଶାନ୍ତିଶୃଙ୍ଖଳା ଓ ପୁଲିସ ବ୍ୟବସ୍ଥା, ଯାତ୍ରା ପଡିଆ ପରିଚାଳନା, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ଆଦି ୧୯ ଗୋଟି ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା । ଚଳିତ ବର୍ଷ ଶିବରାତ୍ରୀ ପୂର୍ବ ଦିନ ରାତି ୧୨ଟାରେ ଠାକୁରଙ୍କ ପହୁଡ଼ ଭଙ୍ଗ ନୀତି କରାଯାଇ ଭୋର ୩ଟା ମଧ୍ୟରେ ଅବକାଶ ନୀତି ଠାରୁ ସକାଳର ସମସ୍ତ ପୂଜା ନୀତି ସମାପନ କରାଯାଇ ଭୋର ୪ଟାରୁ ସନ୍ଧ୍ୟା ୬ଟା ୩୦ ମିନିଟ ପର୍ଯ୍ୟନ୍ତ ଓ ରାତ୍ର ୭ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲା ରହିବ । ଏହି ବୈଠକରେ ବିଧାନସଭା ବାଚସ୍ପତିଙ୍କ ପ୍ରତିନିଧି ବିପିନ ବିହାରୀ ପାଢ଼ୀ, ଓଡ଼ଗାଁ ତହସିଲଦାର ଡ଼. ମାନସ ରଞ୍ଜନ ଭୋଇ, ଥାନା ଅଧିକାରୀ ଜ୍ୟୋତି ପ୍ରସାଦ ସ୍ୱାଇଁ, ରାଜସ୍ୱ ନିରୀକ୍ଷୀକା ମିନତୀ ସାହୁ, ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ, ମନ୍ଦିର ପରିଚାଳକ ସୁବାଷ ଚନ୍ଦ୍ର ବରାଡ, ଜିତେନ୍ଦ୍ର କୁମାର ମିଶ୍ର ସମେତ ଗଣମାଧ୍ୟମ ପ୍ରତିନିଧି, ସ୍ୱାସ୍ଥ୍ୟ, ବିଦ୍ୟୁତ, ଜଳ ଓ ପରିମଳ ଓ ଅଗ୍ନିଶମ ବିଭାଗ, ବଣିକ ସଂଘ, ସେବାୟତ ସଙ୍ଘ, ମହାବିଦ୍ୟାଳୟ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ବହୁ ବୁଦ୍ଧିଜୀବୀ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ ।

## ସଦର ଥାନା-କ୍ଷେତ୍ରିବରପୁର ରାସ୍ତା ଭୂମିପୂଜନ



**ନୟାଗଡ଼,୧୧।୨(ସମିସ):** ନୟାଗଡ଼ ନୂତନ ଡିଏଭି ସ୍କୁଲ ନିକଟରେ ରାସ୍ତା ନିର୍ମାଣ ନିମନ୍ତେ ମୁଖ୍ୟଅତିଥି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଭୂମି ପୂଜନ କରିଛନ୍ତି । ଉକ୍ତ ରାସ୍ତା ସଦରଥାନାଠାରୁ କ୍ଷେତ୍ରିବରପୁର-ଖଣ୍ଡୁଗାଁ ରାସ୍ତା ପର୍ଯ୍ୟନ୍ତ ନିର୍ମାଣ ହେବ । ଏହି ରାସ୍ତା ଦୁଇ ଲେନ ବିଶିଷ୍ଟ କରାଯିବ । ସଦରଥାନାଠାରୁ ଅଢ଼େଇ କିଲୋମିଟର ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ ହେବ । ଭୂମି ପୂଜନ କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ ବେହେରା, ନିର୍ବାହୀ ଯନ୍ତ୍ରୀ ଅଭିଷେକ ଓଝା, ସହକାରୀ ଯନ୍ତ୍ରୀ କିଶୋର ଚନ୍ଦ୍ର ଶତପଥୀ, ଡିଏଭି ସ୍କୁଲର ପ୍ରିନ୍ସପାଲ ସରୋଜ କୁମାର ମିଶ୍ର, ନୟାଗଡ଼ ପୌର ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, କାଉନସିଲର ଲକ୍ଷ୍ମୀଧର ମହାପାତ୍ର, ଜାନକୀ ବଲ୍ଲଭ ଜେନା ଓ ସ୍ୱର୍ଣ୍ଣପ୍ରଭା ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପାର୍କିଂ ସମସ୍ୟା

### ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବି

**ନୟାଗଡ଼,୧୨।୨(ସମିସ):**

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ହତା ଏବେ ଗାଡ଼ି ରହଣୀସ୍ଥଳ ପାଲଟିଛି । ଚିକିତ୍ସାଳୟ ପ୍ରବେଶ ଦ୍ୱାର ଅତିକ୍ରମ କରି ଭିତରକୁ ଗଲେ ବହୁ ଅଟୋ ଏବଂ କାର୍ ଦିନତମାମ ରହଣୀ କରୁଥିବା ଦେଖିବାକୁ ମିଳିଛି । ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଢ଼ିଲାପଣ ଯୋଗୁଁ ପାର୍କିଂ ସମସ୍ୟା ଅଧିକ ହେଉଥିବା ନେଇ ଅଭିଯୋଗ ହୋଇଛି । ସ୍ଥାୟୀ ପାର୍କିଂ ବ୍ୟବସ୍ଥା କରିବାକୁ ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବି ହୋଇଛି ।

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି । ସେଥିମଧ୍ୟରୁ ଗାଡ଼ି ରହଣିକୁ ନେଇ ସମସ୍ୟା ଦ୍ୱିଗୁଣିତ ହେଉଛି । ଚିକିତ୍ସାଳୟ ପରିସର ଏବେ କାର୍ ଏବଂ ଅଟୋ ମାଲିକଙ୍କ ପାର୍କିଂରେ ପରିଣତ ହୋଇଛି । ଚିକିତ୍ସାଳୟର ନୂତନ ପ୍ରବେଶ ଦ୍ୱାର ନିର୍ମାଣ ହେବା ପୂର୍ବରୁ ଚିକିତ୍ସାଳୟ ପରିସରରେ ଏଭଳି ବେଆଇନ ରହଣୀ ଦେଖିବାକୁ ମିଳୁଥିଲା । ଏବେ ନୂତନ ପ୍ରବେଶ ଦ୍ୱାର ନିର୍ମାଣ ସରିବା ପରେ ତାହା ଦ୍ୱିଗୁଣିତ ହୋଇଛି । ଜିଲ୍ଲାର ବିଭିନ୍ନ ବ୍ଲକରୁ ଚିକିତ୍ସା ସେବା ପାଇବା



ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ଭରସା କରି ଅନେକ ରୋଗୀ ଏଠାକୁ ଆସିଥାନ୍ତି । ଦୈନିକ ହଜାର ହଜାର ରୋଗୀଙ୍କ ଭିଡ଼ ହେଉଥିବା ବେଳେ ବେଆଇନ ପାର୍କିଂ ଅଧିକ ସମସ୍ୟା ସୃଷ୍ଟି କରୁଛି । ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗେ କାଜୁଆଲିଟିକୁ ନେଉଥିବା ବେଳେ ଜନୌଷଧି କେନ୍ଦ୍ରର ବିପରୀତ ପାର୍ଶ୍ୱରେ ଅଟୋ ଆଉ କାର୍ ରହଣି ଯୋଗୁଁ ଆମ୍ବୁଲାନ୍ସ ଯିବାରେ ମଧ୍ୟ ସମସ୍ୟା ଦେଖାଦେଉଥିବା ଅଭିଯୋଗ ହୋଇଛି । ସେହିଭଳି ରକ୍ତ ପରୀକ୍ଷା କେନ୍ଦ୍ର ନିକଟରେ ମଧ୍ୟ ଅନେକ ଅଟୋ ରହଣି କରୁଥିବା ଦେଖିବାକୁ ମିଳୁଛି । ଚିକିତ୍ସାଳୟର ସମସ୍ତ ଦିଗକୁ ସଠିକ୍ ଭାବେ ପରିଚାଳନା କରାଯିବା ପାଇଁ ଚିକିତ୍ସାଳୟ ପରିଚାଳକ ଦାୟିତ୍ୱରେ ରହିଛନ୍ତି । କିନ୍ତୁ ଚିକିତ୍ସାଳୟରେ ଅନେକ ସମସ୍ୟା ରହୁଥିଲେ ମଧ୍ୟ ପରିଚାଳକ ସେଥିପ୍ରତି ଦୃଷ୍ଟି ନଦେବା ପରିତାପର ବିଷୟ । ଏବେ ଡାକ୍ତରଖାନା ପରିସରରେ ଥିବା ପୁରୁଣା ସର୍ଜରୀ ୱାର୍ଡ ଭଙ୍ଗା ଯାଉଥିବା ଉଦ୍ଦିଷ୍ଟ ସ୍ଥାନକୁ ପବ୍ଲିକ ପାର୍କିଂ ସ୍ଥଳ ଭାବେ ବ୍ୟବହାର କରିବା ପାଇଁ ନୟାଗଡ କଂଗ୍ରେସ ନେତା ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ସାମାଜିକ ଗଣମାଧ୍ୟମ ଏକ୍ସ ଯୋଗେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ନୟାଗଡ ବିଧାୟକ ଡ଼ ଅରୁଣ କୁମାର ସାହୁ ଏବଂ ଜିଲ୍ଲପାଳଙ୍କୁ ପ୍ରସ୍ତାବ ଦେଇଛନ୍ତି । ପ୍ରାୟ ୧୩ ଲକ୍ଷ ଜିଲ୍ଲାବାସୀ ନିର୍ଭର କରୁଥିବା ଏହି ମୁଖ୍ୟ ଚିକିତ୍ସାଳୟକୁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ବିଭିନ୍ନ ବର୍ଗର ରୋଗୀ ଏବଂ ସେମାନଙ୍କ ଆଟେଣ୍ଡାଣ୍ଟ ଆସୁଥିବାରୁ ନିର୍ଦ୍ଦିଷ୍ଟ ପବ୍ଲିକ ପାର୍କିଂ ସ୍ଥାନ ଅଭାବ ଯୋଗୁଁ ଡାକ୍ତରଖାନା ପରିସରରେ ଟ୍ରାଫିକ ସମସ୍ୟା ବଢ଼ିବଢ଼ି ଚାଲିଛି । ଏହାର ସମାଧାନ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଧ୍ୟାନ ଦେବାକୁ ଶ୍ରୀ ଦାଶ ଅନୁରୋଧ କରିଛନ୍ତି ।

## ଶ୍ରମିକ ସଚେତନତା ରଥ ଶୁଭାରମ୍ଭ

**ନୟାଗଡ଼,୧୨।୨(ସମିସ):** ଏକ ଶ୍ରମିକ ସଚେତନତା ରଥ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଏହି ସଚେତନତା ରଥ ଏକ ମାସ ବ୍ୟାପୀ ଜିଲ୍ଲାର ସମସ୍ତ ବ୍ଲକ, ଏନଏସି, ଶ୍ରମିକ ହାଟ, ଜନବହୁଳ ସ୍ଥାନ ଓ ନିର୍ମାଣାଧୀନ କ୍ଷେତ୍ର ଗୁଡ଼ିକରେ ସଚେତନତା ସୃଷ୍ଟି କରିବ । ବିଭିନ୍ନ ଶ୍ରମ କଲ୍ୟାଣ ବୋର୍ଡ ମାଧ୍ୟମରେ ମିଳୁଥିବା ଶ୍ରମିକ ସହାୟତା ଯଥା ଓଡ଼ିଶା କୋଠବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ମାଧ୍ୟମରେ ମିଳୁଥିବା ଶ୍ରମିକ ସହାୟତା ଯୋଜନା ଗୁଡିକ



ସହ ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ ଓ ଅନ୍ତ ରାଜ୍ୟ ପ୍ରବାସୀ ଶ୍ରମିକଙ୍କ ଅଧିକାର ଓ କର୍ତ୍ତବ୍ୟ ଏବଂ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରୀ ନିୟମ ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରିବ । ଉଦଘାଟନୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ସଭାପତି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁଙ୍କ ସମେତ ଜିଲ୍ଲା ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ, ସହ ଶ୍ରମ ଅଧିକାରୀ ଅବଦୁଲ କାଦିର ଖାନ, ଜ୍ଞାନରଞ୍ଜନ ସାହୁ, ସୁଶ୍ରୀ ପୂଜାରିନ ସାମଲ ଓ ସୁଶ୍ରୀ ମୋନିକା ସେଠ ଓ ଅନ୍ୟ ଶ୍ରମିକ ସଂଗଠନ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ହୋଟେଲ୍ ଓ ଲଜ୍‌ରେ ଚାଲୁଛି ଦେହ ବେପାର

■ ହାତବାନ୍ଧି ବସିଛି ପୁଲିସ

**ନୟାଗଡ଼,୧୨।୨(ସମିସ):** ନୟାଗଡ଼ ସହର ଓ ଆଖାପାଖ ଅଞ୍ଚଳର କିଛି ହୋଟେଲ ଓ ଲଜରେ ଦେହ ବେପାର ଚାଲୁଥିବା ଅଭିଯୋଗ ହୋଇଛି । ନୟାଗଡ଼ ସହରରେ ରହିଥିବା ଅନେକ ହୋଟେଲ ମଧ୍ୟରୁ ୩ରୁ ୪ଟି ନିର୍ଦ୍ଦିଷ୍ଟ ହୋଟେଲରେ ଏହି କାରବାର ହେଉଥିବା ବେଳେ ନୟାଗଡ଼-ଖଣ୍ଡପଡ଼ା ରାସ୍ତାର ଜନୈକ ବ୍ୟକ୍ତିଙ୍କ ଘରେ ମଧ୍ୟ ଦେହ ବ୍ୟବସାୟ ହେଉଥିବା ଅଭିଯୋଗ ହେଉଛି । ସେହିଭଳି ଭାବେ ଇଟାମାଟି ଥାନା ଅନ୍ତର୍ଗତ ଗ୍ରାମାଞ୍ଚଳରେ ରହିଥିବା ଏକ କ୍ରସରରେ ଦେହ ବ୍ୟବସାୟ ଚାଲୁଥିବା ଚର୍ଚ୍ଚା ହେଉଛି । ଇଟାମାଟି ଥାନା ଅଞ୍ଚଳର ଏକ ହୋଟେଲରେ ମଧ୍ୟ ଦୈନିକ ଦେହ ବ୍ୟବସାୟ ଚାଲୁଥିବା ଏବଂ ପୁଲିସ ଏ ସମ୍ପର୍କରେ ଜାଣି ଅଜଣା ହେବାର ଅଭିନୟ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ହୋଟେଲ ତଥା ଲଜରେ ରହିବା ପାଇଁ ଅନେକ ନୀତି ଓ ନିୟମ ରହିଥିବା ବେଳେ ଏହାକୁ ହୋଟେଲ ମାଲିକମାନେ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି । ଜିଲ୍ଲା ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ସ୍କାଡର୍ ଗଠନ କରି ଏହାର ତଦନ୍ତ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।

## ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

**ଓଡ଼ଗାଁ,୧୨।୨(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ୨୧ ନମ୍ବର ରାଜ୍ୟ ରାଜପଥର କଦଳିବନ୍ଧ ସ୍କୁଲ ସାମ୍ନାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ଯୁବକ ଜଣକ ସ୍ଥାନୀୟ ବିଲମାନପୁର ଗାଁର ବିନୋଦ ଜେନା(୨୫) । ଓଡ଼ଗାଁ ପାର୍ଶ୍ୱରୁ ବିନୋଦ ଏକ ସ୍କୁଟିରେ ଯାଉଥିବା ବେଳେ ନିୟନ୍ତ୍ରଣ ହରାଇ ସମ୍ମୁଖରୁ ଆସୁଥିବା ଏକ ଟ୍ରକ ସହିତ ଧକ୍କା ହୋଇଥିଲେ । ଖବର ପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ ବିନୋଦଙ୍କୁ ଉଦ୍ଧାର କରି ଓଡ଼ଗାଁ ଡାକ୍ତରଖାନାକୁ ଆଣିଥିଲେ । ତାଙ୍କ ଗୋଡ଼ ଭାଙ୍ଗି ଯାଇଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି ।

## ଗଣିଆରେ ଅଗ୍ନି ଉତ୍ସବ ପାଳିତ

**ଗଣିଆ,୧୨।୨(ସମିସ):** ମାଘ ମାସ ପୂର୍ଣ୍ଣମୀ ଅବସରରେ ବୁଧବାର ଗଣିଆ ଅଞ୍ଚଳର ବିଭିନ୍ନ ଗ୍ରାମରେ ଅଗ୍ନି ଉତ୍ସବ ପାଳିତ ହୋଇଯାଇଛି । ପାରମ୍ପରିକ ରୀତି ଅନୁସାରେ ଚଳିତ ଋତୁରେ ଅମଳ ହୋଇଥିବା ରାଶି, ସୋରିଷ, କୋଳଥ, ମୁଗ, ଧାନର କାଠି ବା ନଡ଼ାକୁ ସଂଗ୍ରହ କରି ଗାଁ ମୁଣ୍ଡରେ ଏକାଠି ଗଦା କରାଯାଇଥାଏ । ଗାଁର ଜାନୀ (ପୂଜକ) ଗ୍ରାମଦେବତୀଙ୍କ ପାଖରେ ମାଜଣା, ପୂଜାର୍ଚ୍ଚନା ସାରି ଉକ୍ତ ଗଦାରେ ଅଗ୍ନି ସଂଯୋଗ କରିଥାନ୍ତି । ହରିବୋଲ, ହୁଳହୁଳି ଧ୍ୱନିରେ ଉକ୍ତ ନିଆଁରେ ସୋରିଷ, ଲୁଣ, ଆଳୁ, ବାଇଗଣ, ନଡ଼ିଆ ଆଦି ଅଗ୍ନି ଦେବତାଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥାଏ । ପରେ ପୋଡ଼ା ଯାଇଥିବା ପନିପରିବାକୁ ପ୍ରସାଦ ଭାବରେ ସମସ୍ତେ ପାଇଥାନ୍ତି । କାଠିକୁଟା, ନଡ଼ାଗଦା ମଧ୍ୟରେ ଏକ କଞ୍ଚା ବାଉଁଶ ପୋତି ଦିଆଯାଇଥାଏ । ଅଗ୍ନି ଲିଭି ସାରିବାପରେ ବାଉଁଶଟି ଯେଉଁ ଦିଗକୁ ଢଳିପଡ଼େ ସେହି ଦିଗରେ ସେହିବର୍ଷ ଭଲ ରବି ଫସଲ ଅମଳ ହେବ ବୋଲି ପାରମ୍ପରିକ ବିଶ୍ୱାସ ଥିବାର ମନ୍ଦିର ପୂଜକ କହିଛନ୍ତି । ପରେ ପଞ୍ଚାମୃତରେ ଅଗ୍ନି ଦେବତାଙ୍କୁ ଶାନ୍ତି କରାଯାଇଥାଏ । ଖରାଦିନେ ଗ୍ରାମରେ ଅଗ୍ନିକାଣ୍ଡ ଭଳି ବିପତ୍ତିରୁ ଗ୍ରାମକୁ ରକ୍ଷା କରିବା ପାଇଁ ଅଗ୍ନି ଦେବତାଙ୍କୁ ଶାନ୍ତି କରିବା ଉଦ୍ଦେଶ୍ୟରେ ଅଗ୍ନି ଉତ୍ସବ ପାଳନ କରାଯାଉଥିବା ଗ୍ରାମର ବୟସ୍କ ବ୍ୟକ୍ତିମାନେ କୁହନ୍ତି ।

## ୮୩ତମ ବିଶ୍ୱଶାନ୍ତି ଶୈବ ଯଜ୍ଞ ଓ ୩୯ତମ ସପ୍ତଶମ୍ଭୁ ମିଳନ ମହୋତ୍ସବ ଉଦ୍‌ଯାପିତ

● ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

**ଓଡ଼ଗାଁ,୧୨।୨(ସମିସ):** ଓଡ଼ିଶାର ଅନ୍ୟତମ ଶୈବପୀଠ ଭାବେ ସୁପରିଚିତ ନୟାଗଡ଼ ଜିଲ୍ଲା ଓଡ଼ଗାଁ ସନ୍ନିକଟ ଜାମୁପାଟଣା ଶୁଳିଆ ପାହାଡ଼ ପାଦଦେଶରେ ସ୍ୱୟମ୍ଭୁ ପ୍ରକଟିତ ଶୁଳିଆର ଶୂଳପାଣୀ ବାବା ଦୂତୀକେଶ୍ୱର ମହାଦେବଙ୍କ ପୀଠରେ ୮୩ତମ ଶୈବ ଯଜ୍ଞ ଓ ୩୯ ତମ ସପ୍ତଶମ୍ଭୁ ମିଳନ ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଗତ ୭ ତାରିଖ ଶୁକ୍ରବାର ଅଙ୍କୁରାରୋପଣ ପରେ ୮ ତାରିଖରେ ମଣ୍ଡଳ କରଣ, ଜଳଯାତ୍ରା, ବ୍ରାହ୍ମଣ ବରଣ, ପୀଠପୂଜା କର୍ମ ସାରି ଆହୂତି ପ୍ରଦାନ କରାଯାଇଥିଲା । ୯ ତାରିଖ ଠାରୁ ପ୍ରତିଦିନ ପ୍ରାତଃ କାଳରେ ସୂର୍ଯ୍ୟ ପୂଜା, ମଧ୍ୟାହ୍ନରେ ପୀଠ ପୂଜା ଏବଂ ଅପରାହ୍ନରେ ଆହୂତି ପ୍ରଦାନ କରାଯାଇଥିଲା । ୧୧ତାରିଖ ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର କୋରପିଠାରୁ ବାଲୁଙ୍କେଶ୍ୱର, ଗୋଡ଼ିପାଟଣାରୁ ନିମେଶ୍ୱର, ବାହାଡାଝୋଲାରୁ ଫୁଲେଶ୍ୱର, ସୂନାମୁହିଁରୁ ଚମ୍ପତେଶ୍ୱର, ହାତିଆଶିଳାରୁ ସୋମନାଥ ଦେବ ଏବଂ ଆମ୍ବପଡାରୁ ବାଲୁଙ୍କେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମା ବିମାନରେ ବିଜେ କରି ଥାଟ ପାଟ ପଟୁଆରେ ଦୂତିକେଶ୍ୱରଙ୍କ ପୀଠରେ ପହଞ୍ଚିଥିଲେ । ବୁଧବାରେ ଦୂତୀକେଶ୍ୱର ମହାଦେବଙ୍କ ସହିତ ଅନ୍ୟ ଶମ୍ଭୁମାନେ ଯଜ୍ଞ ବେଦୀରେ ବିରାଜମାନ କରିଥିଲେ । ପୂଜାନୀତି ସରିବା ପରେ ଆହୂତି ପ୍ରଦାନ କରି ଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା । ସ୍ଥାନୀୟ ପନ୍ତିଖାରୀ ଗ୍ରାମର ବେଦଜ୍ଞ ବୈଦିକ ବ୍ରାହ୍ମଣ ସତ୍ୟନାରାୟଣ ଷଡ଼ଙ୍ଗୀ, ଜଳନ୍ଧର ରଥ, ନାରାୟଣ ଦାଶ, ଶାନ୍ତନୁ ଦାଶ, ଦୁର୍ଗା ମାଧବ ଷଡ଼ଙ୍ଗୀ, ହେମନ୍ତ ହୋତା, ସର୍ବେଶ୍ୱର ଦାଶ, ଗୋଦାବରୀଶ ଷଡଙ୍ଗୀ ପ୍ରମୁଖ ବୈଦିକ କର୍ମ ସମ୍ପାଦନ କରିଥିଲେ । ପ୍ରତାପ କିଶୋର ଦେଓ ଓ ହେମଲତା ଦେଓ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ମନ୍ଦିର ପରିଚାଳନା କମିଟି ସଭାପତି ତଥା ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଉପସଭାପତି ପ୍ରଫୁଲ୍ଲ ମାଝୀ, କୋଷାଧ୍ୟକ୍ଷ ପ୍ରତାପ କୁମାର ଜେନା ଏବଂ ୨୭ ଖଣ୍ଡ ମୌଜାବାସୀଙ୍କ ଦ୍ୱାରା ୫ ଦିନ ଧରି ଆୟୋଜିତ ଯଜ୍ଞ ସୁଚାରୁ ରୂପେ ସମ୍ପାଦିତ ହୋଇଛି । ଉଦଯାପନୀ ଦିବସରେ ୧୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

## ପଠାଣିସାମନ୍ତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ; ଇଟାମାଟି ବିଜୟୀ



**ଖଣ୍ଡପଡ଼ା୧୨।୨(ସମିସ):** ଖଣ୍ଡପଡ଼ା ଏନଏସି ଅଧୀନ ମଧୁବନ କ୍ରୀଡାଙ୍ଗନରେ ପଠାଣି ସାମନ୍ତ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ୪ର୍ଥ ଦଳ ଭାବେ ଇଟାମାଟି ସେମି ଫାଇନଲକୁ ଉତ୍ତୀର୍ଣ୍ଣ ହୋଇଛି । ବୁଧବାର ଖଣ୍ଡପଡ଼ା ଯୁବକ ସଂଘ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଏହି ଟୁର୍ଣ୍ଣାମେଣ୍ଟର ୪ର୍ଥ କ୍ୱାର୍ଟର ଫାଇନାଲ ଇଟାମାଟି ଏବଂ ଶରଣକୁଳ ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ଇଟାମାଟି ୪-୧ ଗୋଲରେ ଶରଣକୁଳ ବିପକ୍ଷରେ ବିଜୟୀ ହୋଇଥିଲା । କ୍ରୀଡା ଶିକ୍ଷକ ସମୀର ଖୁଣ୍ଟିଆ ରେଫରୀ ଦାୟିତ୍ୱ ତୁଲାଇଥିଲେ । ଲାଇନସମ୍ୟାନ ଭାବେ କ୍ରୀଡା ଶିକ୍ଷକ ସୁବାସ ବେହେରା ଓ ସୂର୍ଯ୍ୟକାନ୍ତ ଦଳବେହେରା ଦାୟିତ୍ୱ ତୁଲାଇଥିଲେ । ଆଜିର ଖେଳରେ ମୁଖ୍ୟଅତିଥି ଭାବେ ଖଣ୍ଡପଡା ଏନଏସି ର ପୂର୍ବତନ ନଗରପାଳ କିଶୋର ଚନ୍ଦ୍ର ଦାଶ ଏବଂ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ପ୍ରତାପ କୁମାର ବେହେରା ଯୋଗଦେବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଗୁରୁବାର ପ୍ରଥମ ସେମି ଫାଇନଲ ମ୍ୟାଚରେ ଖଣ୍ଡପଡ଼ା ଏବଂ ନୟାଗଡ଼ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଖେଳ ଅନୁଷ୍ଠିତ ହେବବୋଲି ଆୟୋଜକ ମୁଖ୍ୟ ମହେନ୍ଦ୍ର କୁମାର ବାରିକଙ୍କଠାରୁ ସୂଚନା ମିଳିଛି । ଯୁବକ ସଂଘ ସଭାପତି ସୁଶାନ୍ତ ମହାରଣାଙ୍କ ସମେତ ରାଜେଶ ମହାନ୍ତି, ପରମେଶ୍ୱର ମହାନ୍ତି, ଅନୁପ ଶତପଥୀ, ସୁଶାନ୍ତ ପାଢ଼ୀ, ବାପି ମହାନ୍ତି, ଆଶିଷ ମହାନ୍ତି, ବିଦ୍ୟାଧର ପ୍ରଧାନ ପ୍ରମୁଖ ଟୁର୍ଣ୍ଣାମେଣ୍ଟରେ ସକ୍ରିୟ ସହଯୋଗ କରୁଛନ୍ତି ।

## ସ୍ତ୍ରୀକୁ ପିଟିପିଟି ମାରିଦେଲା ସ୍ୱାମୀ

**ଶରଣକୁଳ,୧୨।୨(ସମିସ):** ନୟାଗଡ ଜିଲ୍ଲା ଶରଣକୁଳ ଥାନା ବଡଗୋରଡ଼ା ଗ୍ରାମର ତ୍ରିନାଥ ପରିଡାଙ୍କ ପୁଅ ତୋଫାନ ପରିଡ଼ା ବୁଧବାର ସକାଳେ ସ୍ତ୍ରୀ ରଞ୍ଜିତାଙ୍କୁ ପିଟିପିଟି ହତ୍ୟା କରିଛନ୍ତି । ହତ୍ୟା ପରେ ସ୍ୱାମୀ ଫେରାର ହୋଇଯାଇଛି । ପ୍ରକାଶଥାଉକି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସବୁବେଳେ କଳି ଝଗଡା ଲାଗି ରହୁଥିଲା । ଗତ କିଛିଦିନ ତଳେ ଏହି ଘଟଣାକୁ କେନ୍ଦ୍ର କରି ରଞ୍ଜିତା ବାପ ଘରକୁ ଚାଲିଯାଇଥିଲେ । ଗାଁ ଭଦ୍ରଲୋକ ଓ ଥାନା ପକ୍ଷରୁ ବୁଝାସୁଝା ପରେ ରଞ୍ଜିତା ଶାଶୁ ଘରକୁ ଫେରିଥିଲେ । ଗତକାଲି ରାତିରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ପୁଣି ଝଗଡା ହେଇଥିଲା । ଆଜି ସକାଳୁ ଝଗଡା ଉଗ୍ର ରୂପ ନେବା ପରେ ସ୍ୱାମୀ ତୋଫାନ ନିଜର ହିତାହିତ ଜ୍ଞାନ ହରାଇ ସ୍ତ୍ରୀକୁ ପିଟି ପିଟି ଜୀବନରେ ମାରି ଦେଇଥିଲା । ଘଟଣାଟି ସକାଳ ପ୍ରାୟ ୮ ଟାରେ ଘଟିଥିଲେ ମଧ୍ୟ ତାଙ୍କର ପୁଅ ଝିଅ ଟିୟୁସନ୍ ଯାଇଥିବା ବେଳେ ଶାଶୁ ଗାଧୋଇବାକୁ ବାହାରକୁ ଯାଇଥିଲେ । ଶ୍ୱଶୁର ତ୍ରିନାଥ ୬ ମାସ ହେବ ଗାଁ ଛାଡି ବାହାରେ ରହୁଛନ୍ତି । ଶାଶୁ ଗାଧୋଇ ସାରି ଘରେ ପହଞ୍ଚି ବୋହୂ ଶୋଇଥିବା ଦେଖି ଡାକିଥିଲେ ମଧ୍ୟ ସେ ନ ଶୁଣିବାରୁ ସାହିପଡିଶା ଲୋକଙ୍କୁ ଡାକିଥିଲେ । ସେ ଅଚେତ ପଡ଼ିଥିବା ଦେଖି ତାଙ୍କୁ ନୟାଗଡ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ଶରଣକୁଳ ପୁଲିସ ଶବ ଜବତ କରିଛି । ଏହି ଘଟଣାରେ ମୃତକଙ୍କ ଭାଇ ସୌମ୍ୟ ରଞ୍ଜନ ପ୍ରଧାନ ଭଉଣୀକୁ ତା’ ସ୍ୱାମୀ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ଶରଣକୁଳ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ପ୍ରକାଶଥାଉକି ବଡଗୋରଡ଼ା ଗ୍ରାମର ତ୍ରିନାଥ ପରିଡାଙ୍କ ପୁଅ ତୋଫାନ ୧୩ ବର୍ଷ ତଳେ ଇଟାମାଟି ଥାନା ଆଙ୍କୁଲାଇପାଟଣାର ଗଦାଧର ପ୍ରଧାନଙ୍କ ଝିଅ ରଞ୍ଜିତାଙ୍କୁ ବିବାହ କରିଥିଲେ ।

## ପୁରାତନ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଦଶପଲ୍ଲା,୧୨।୨(ସମିସ):** ବାଣୀଗୋଛା ଅଞ୍ଚଳର ଏକମାତ୍ର ଉଚ୍ଚ ଶିକ୍ଷାନୁଷ୍ଠାନ ନେତାଜୀ ସୁବାସ ମହାବିଦ୍ୟାଳୟରେ ଏକ ଭାବଗମ୍ଭୀର ପରିବେଶରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପାରମ୍ପରିକ ଭାବରେ ଚଳିତ ବର୍ଷ ଯୁକ୍ତ ଦୁଇ ପ୍ରଥମ ବାର୍ଷିକ ଛାତ୍ରଛାତ୍ରୀମାନେ ୨ୟ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ସହିତ ଅନୁଭୂତି ସାଉଁଟିଥିଲେ । ପରିଚାଳନା କମିଟି ସଭାନେତ୍ରୀ ରତ୍ନମାଳା ନାୟକଙ୍କ ପୌରହିତ୍ୟରେ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗ ଦେଇ ଅନୁଷ୍ଠାନର ଶିକ୍ଷା ଓ ଶୈକ୍ଷିକ ପରିବେଶ ଛାତ୍ର, ଅଭିଭାବକ ଓ ଶିକ୍ଷକମାନଙ୍କ ତ୍ରିକୋଣୀୟ ସହଯୋଗ ବୃଦ୍ଧିମନ୍ତ କରି ପାରିଥିବା କହିବା ସହିତ ବୈଷୟିକ ଜ୍ଞାନକୌଶଳ ଆହରଣ କରି ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ସୁଶାନ୍ତ ମୁଦୁଲି, ସମ୍ପାଦକ କୁନା ବେହେରା, ଉପ ସଭାପତି ସାରସ ସାହୁ, ଅରୁଣ ମହାପାତ୍ର, ମଧୁ ମହାକୁଡ଼, ବାଟି ନାୟକ, ଅଚ୍ୟୁତ ମିଶ୍ରଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ ।

## ବୈଷ୍ଣୋଦେବୀଙ୍କ ପୀଠକୁ ରହିବନି ରାସ୍ତା ସମସ୍ୟା: ବିଧାୟକ

**ଓଡ଼ଗାଁ,୧୨।୨(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ସରଧାପୁର ପଞ୍ଚାୟତ ଜାମୁକୋଣ ମୁଣ୍ଡିଆ ଉପରେ ବିରାଜିତ ମା’ ବୈଷ୍ଣୋଦେବୀଙ୍କ ପୀଠକୁ ଯିବାପାଇଁ ଅତି ଅଣ ଓସାରିଆ ରାସ୍ତା ରହିଥିବାରୁ ପ୍ରାୟ ୨ କିଲୋମିଟର ଅତିକ୍ରମ କରିବା ପାଇଁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ସମସ୍ୟା ଭୋଗିଥାନ୍ତି । ପର୍ଯ୍ୟଟକଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ବୈଷ୍ଣୋଦେବୀଙ୍କ ପୀଠକୁ ଖୁବଶୀଘ୍ର ଓସାରିଆ ରାସ୍ତା ନିର୍ମାଣ କରିବା ନିମନ୍ତେ ନୟାଗଡ଼ ବିଧାୟକ ଅରୁଣ ସାହୁ ପ୍ରଶାସନକୁ ଜଣାଇଛନ୍ତି । ଏହାର ତ୍ୱରିତ କାର୍ଯ୍ୟ ପାଇଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ମଦନଗାଡିଆଠାରୁ ଆରମ୍ଭ କରି ଜାମୁକୋଣ ପର୍ଯ୍ୟନ୍ତ ଏକ କିଲୋମିଟର ରାସ୍ତାକୁ ଖୁବଶୀଘ୍ର ୪୦ ଫୁଟ ଓସାରିଆ ରାସ୍ତାରେ ପରିଣତ କରାଯିବା ସହ ଚଳିତ ଆର୍ଥିକ ବର୍ଷରେ ଏହାର କାର୍ଯ୍ୟ ଆରମ୍ଭ କରାଯିବ । ଦୁଇ ଦିନ ପୂର୍ବେ ବିଧାୟକ ଶ୍ରୀ ସାହୁଙ୍କ ସହିତ ବ୍ଲକ ଅଧ୍ୟକ୍ଷ ଶ୍ରୀ ସାହୁ, ଉପାଧ୍ୟକ୍ଷା ମୀରା ନାୟକ, ଜିଲ୍ଲା ପରିଷଦ ସଭ୍ୟା ବିରଜା ଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ ଏବଂ ସରଧାପୁର ସରପଞ୍ଚ ବୈଷ୍ଣୋଦେବୀଙ୍କ ଦର୍ଶନ ପାଇଁ ଯିବାବେଳେ ଉପରୋକ୍ତ ସମସ୍ୟା ଗୁଡ଼ିକୁ ଅନୁଭବ କରିଥିଲେ ।

ଖୁବଶୀଘ୍ର ନିର୍ମାଣ ହେବ ୪୦ ଫୁଟ ଓସାର ରାସ୍ତା

## ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

**ଖଣ୍ଡପଡ଼ା,୧୨।୨(ସମିସ):** ଖଣ୍ଡପଡ଼ା ପଠାଣି ସାମନ୍ତ କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଡିଓ ଅଙ୍କୁର ଅଭିଲାଷ, କଟକ ଲୋକସଭା ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ, ଜିଲ୍ଲା ମହିଳା ଶିଶୁ ବିକାଶ ବିଭାଗ ଅଧିକାରିଣୀ ଅର୍ଚ୍ଚନା କଅଁର, ସିଥ୍ରୀର ଜିଲ୍ଲା ସଂଯୋଜକ ସୁକେଶ ମିର୍ଦ୍ଧା, ବ୍ଲକ ସଂଯୋଜକ ସୁଦୀପ୍ତ ସାହୁ, ଆଇନଜୀବୀ ହରିଶଚନ୍ଦ୍ର ପ୍ରଧାନ ଓ କମଳାକାନ୍ତ ଦାଶ, ଏସଆଇ ମନସ୍ମିତା ସାହୁ, ମିଶନ ଶକ୍ତି ବିପିଏମ ଦିଲ୍ଲୀପ କୁମାର ନାୟକ, ସିଡ଼ିପିଓ କେ କୋଟେଶ୍ୱରୀ ପ୍ରମୁଖ ମଞ୍ଚାସୀନ ଥିଲେ । ବିଧାୟକ ଶ୍ରୀ ସ୍ୱାଇଁ ବକ୍ତବ୍ୟରେ ମହିଳାମାନେ ଯେତେ ଅଧିକ ସାକ୍ଷର, ସଚେତନ ଓ ସଶକ୍ତ ହେବେ ଦେଶର ପ୍ରଗତି ସେତିକି ଗତିଶୀଳ ହେବ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ପଠାଣି ସାମନ୍ତ ମହିଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବିଦ୍ୟାଳୟର ଶିକ୍ଷୟିତ୍ରୀ ତଥା ସ୍ଥାନୀୟ ଅଞ୍ଚଳର ମହିଳାମାନେ ଅଂଶଗ୍ରହଣ କରିବା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଇନ ବାବଦରେ ସଚେତନ ହୋଇଥିଲେ ।

## ପଥପ୍ରାନ୍ତ ନାଟକ ଦ୍ୱାରା ନବୋଦୟ ଛାତ୍ରଛାତ୍ରୀଙ୍କ ସଚେତନତା




**ଗଣିଆ,୧୨।୨(ସମିସ):**

ନୟାଗଡ଼ ପିଏମଶ୍ରୀ ସ୍କୁଲ ଜବାହାର ନବୋଦୟ ବିଦ୍ୟାଳୟ ଦ୍ୱାରା ଶିଶୁ ଶ୍ରମିକ ଓ ଶିକ୍ଷା ପାଇଁ ଅଧିକାର, ଗ୍ରାମୀଣ ଶିକ୍ଷାର୍ଥୀଙ୍କ ପାଇଁ ମୋବାଇଲ ପ୍ରଦାନ ଉପରେ ଛାତ୍ରମାନଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଗଣିଆ ବ୍ଲକରେ ଅନୁଷ୍ଠିତ ହୋଇଯାଇଛି । ନବୋଦୟର ଅଧ୍ୟକ୍ଷ ଏସ.କେ. ଦାସଙ୍କ ନିର୍ଦ୍ଦେଶ କ୍ରମେ ଶିକ୍ଷକ ରାଜ କରଣ୍ ଓ ଏସ କେ ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରମାନେ ରାସଙ୍ଗ ପଞ୍ଚାୟତ ମାଳତିପୁଟ ଗ୍ରାମରେ ଶିଶୁ ଶ୍ରମିକ ଓ ଶିକ୍ଷା ପାଇଁ ଅଧିକାର ଉପରେ ଆଧାରିତ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ । ସ୍କୁଲ ଯାଉ ନ ଥିବା ପିଲାଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କ ଅଭିଭାବକଙ୍କ ସହ ଆଲୋଚନା, ପିଲାଙ୍କ ନାମ ସ୍କୁଲରେ ଲେଖିବାକୁ ପ୍ରବର୍ତ୍ତାଇବା, ସ୍କୁଲ ପରିଚାଳନାକୁ ତଦାରଖ କରିବା ସହିତ ଏହାର ସମାଧାନ ପାଇଁ ସଚେତନ କରାଗଲେ ଶିଶୁ ଶ୍ରମିକ ପ୍ରଥାର ବିଲୋପ ହୋଇପାରିବ ବୋଲି ରାସଙ୍ଗ ସରପଞ୍ଚ ମାନସ କୁମାର ମହାଖୁଡ଼, ଗଣିଆ ସରପଞ୍ଚ ଗିରିଧାରୀ ସେଠୀ ଓ ଗଣିଆ ସମିତିସଭ୍ୟ ଫକୀରମୋହନ ଡାକୁଆ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ମାଳତିପୁଟ ଗ୍ରାମବାସୀ ସହଯୋଗ କରିଥିବା ବେଳେ ବାଲିସାହିଠାରେ ଅନୁଷ୍ଠିତ ହୋଇଥିବା ଗ୍ରାମୀଣ ଶିକ୍ଷାର୍ଥୀମାନଙ୍କ ପାଇଁ ମୋବାଇଲ ଲାଇବ୍ରେରୀ ପ୍ରଦାନ ପୂର୍ବକ ସଚେତନତା କାର୍ଯ୍ୟକ୍ରମରେ ଗ୍ରହରାଜ ଯୁବକ ସଂଘର ସଦସ୍ୟମାନଙ୍କ ସହିତ ଗ୍ରାମବାସୀମାନେ ସହଯୋଗ କରିଥିଲେ ।

## ଅଂଶୁଘାତ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ

# ଡିଏଚ୍‌ଏଚ୍‌ରେ ଖୋଲିବ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍



ଖୋର୍ଦ୍ଧା,୧୨ ।୨(ସମିସ) : ମଙ୍ଗଳବାର ଜିଲ୍ଲାପାଳଙ୍କ ଓସ୍ୱାନ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଂଶୁଘାତ ମୁକାବିଲା ପ୍ରସ୍ତୁତି ନେଇ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଚଞ୍ଚଳ ରାଣା ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ସମେତ ସମସ୍ତ ପିଏଚ୍‌ସି, ସିଏଚ୍‌ସିରେ ସ୍ୱତନ୍ତ୍ର ଶଯ୍ୟା, ଥଣ୍ଡା ପାନୀୟ ଜଳ, ଜରୁରୀ ଜୀବନରକ୍ଷାକାରୀ ଔଷଧ, ଓଆର୍‌ଏସ୍ ପାଉଡର, ସାଲାଇନ ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପାରା ମେଡିକାଲ, କର୍ମଚାରୀ, ନର୍ସ, ଅଙ୍ଗନାବାଡ଼ି କର୍ମୀ, ଆଶା ଦିଦିମାନଙ୍କୁ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ ଦିଆଯିବ । ମେଡିକାଲଗୁଡ଼ିକରେ ସ୍ୱତନ୍ତ୍ର କ୍ୟାବିନ, ସ୍ୱତନ୍ତ୍ର ଶଯ୍ୟା ବ୍ୟବସ୍ଥା ହେବା ସହ ଏକ କଣ୍ଟ୍ରୋଲରୁମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟା ଖୋଲା ରହିବ । ଆପାତକାଳୀନ ସେବା ପାଇଁ ମୋବାଇଲ ସ୍ୱାସ୍ଥ୍ୟ ୟୁନିଟ୍ ପ୍ରସ୍ତୁତ ରହିବ । ଜିଲ୍ଲାର ଗ୍ରାମାଞ୍ଚଳରେ ଅଚଳ ନଳକୂପ ମରାମତି କରାଯିବ । ଜଳକ୍ଲିଷ୍ଟ ଗ୍ରାମରେ ଟ୍ୟାଙ୍କର ବ୍ୟବସ୍ଥା କରାଯିବ । ସ୍ୱୟଂ ସହାୟକ ଗୋଷ୍ଠୀ ତଥା ଏନଜିଓ ସହ ପରାମର୍ଶ କରି ନିୟମିତ ସ୍ୱଚ୍ଛ ତଥା ବିଶୁଦ୍ଧ ପାଣି ଯୋଗାଇ ଦିଆଯିବ । ଗାଈଗୋରୁ, ଜୀବଜନ୍ତୁଙ୍କ ପାଇଁ ଗାଁ ପଡ଼ିଆ, ପୋଖରୀ ସ୍ଥାନରେ ଚହଲା ଖୋଲାଯିବ । ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ମୋବାଇଲ ଟିମ୍ ଗଠନ କରାଯାଇ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା କରାଯିବ । ସେହିପରି ଶ୍ରମିକ ଓ ଦିନମଜୁରିଆଙ୍କୁ ସଚେତନ କରିବା ପାଇଁ ଶ୍ରମ ବିଭାଗ ନିଜ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବ । ତାପମାତ୍ରା ବୃଦ୍ଧି ହେଲେ ସାଧାରଣ ନାଗରିକଙ୍କ ପରି ଶ୍ରମିକମାନେ ମଧ୍ୟ ଘରୁ ବାହାରିବେ ନାହିଁ । ଅନ୍ୟ ଦିନରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସମସ୍ତ ଶ୍ରମିକ କାମରୁ ବିରତ ରହିବେ । ବିଭିନ୍ନ ସ୍ଥାନରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା କରାଯିବ । ପ୍ରତ୍ୟେକ ବିଦ୍ୟାଳୟରେ ପିଲାଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରିବା ସହିତ ପିଲାମାନେ ପାଣି ବୋତଲ ଓ ଛତା ନେଇ ସ୍କୁଲ ଆସିବାକୁ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ବସ, ଟ୍ରକ ରହଣି ସ୍ଥାନରେ ଡ୍ରାଇଭର ଓ କର୍ମଚାରୀଙ୍କ ପାଇଁ ଜଳଛତ୍ର ଖୋଲାଯିବ । ପ୍ରତି ବସରେ ବରଫ ପ୍ୟାକ, ଓଆରଏସ ଯୋଗାଇଦେବା ସହ କୁଲିଂ ସ୍ପେସ ନିରୂପଣ କରାଯିବ । ଜାତୀୟ ରାଜପଥ ଓ ଜଳ କିଓସ୍କ ନିର୍ମାଣ କରାଯିବ । ଘରୋଇ ଅନୁଷ୍ଠାନଗୁଡ଼ିକ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିପାରିବେ । ବ୍ଲକ ଓ ତହସିଲଗୁଡ଼ିକରେ ସମ୍ପୃକ୍ତ ଅଧିକାରୀମାନେ ପାନୀୟ ଜଳସେବା କେନ୍ଦ୍ର ପ୍ରତିଷ୍ଠା କରିବେ । ସହରରେ ଜଳ ଯୋଗାଣ କେନ୍ଦ୍ରରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଜାରି ରହିବ । ବିଦ୍ୟୁତ କାଟିବାର ଦିନକ ପୂର୍ବରୁ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯିବ । ବିଦ୍ୟୁତ ସଂରକ୍ଷଣ ପାଇଁ ଲୋକଙ୍କୁ ସଚେତନ କରାଯିବ । ବିଭିନ୍ନ ଲାଇନ ବିଭାଗ ଓ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ, ବ୍ଲକ, ଗ୍ରାମାଞ୍ଚଳରେ ନିଜ ନିଜ ଯୋଜନା ପ୍ରସ୍ତୁତ କରି ଏହାକୁ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଅତିରିକ୍ତ ଏସ୍‌ପି ଅନାଦି ଚରଣ ସେଠୀ, ସିଡିଏମଓ ଡା. ରାଜ୍ୟଶ୍ରୀ ପଟ୍ଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ମୋହନ ଦାସ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ମୀରାବାଈ ବେହେରା, ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ସମସ୍ତ ତହସିଲଦାର, ବିଡିଓ ଏବଂ ସମସ୍ତ ଲାଇନ ବିଭାଗ ମୁଖ୍ୟ ଯୋଗଦେଇଥିଲେ ।

- ପ୍ରସ୍ତୁତ ରହିବ ମୋବାଇଲ ସ୍ୱାସ୍ଥ୍ୟ ୟୁନିଟ୍
- ଜୀବଜନ୍ତୁଙ୍କ ପାଇଁ ଖୋଲାସ୍ଥାନରେ ହେବ ଚହଲା

# ଗୋରୁ ବୋଝେଇ କଣ୍ଟେନର ଜବତ; ୩ ଗିରଫ

## ୨୯ ଜୀବନ୍ତ ଉଦ୍ଧାର, ୯ ମୃତ ଗୋରୁଙ୍କୁ ପୋତିଲା ପୁଲିସ



ଖୋର୍ଦ୍ଧା,୧୨।୨(ସମିସ)

୧୬ନଂ ଜାତୀୟ ରାଜପଥର ବାଟମଙ୍ଗଳା ଛକ ନିକଟରୁ ଆଦର୍ଶଥାନା ପୁଲିସ ଏକ ଗୋରୁ ବୋଝେଇ କଣ୍ଟେନରକୁ ଜବତ କରିଛି । ଗାଡ଼ି ମଧ୍ୟରୁ ପୁଲିସ ୩୮ଗୋରୁ ଉଦ୍ଧାର କରିଥିବାବେଳେ ତନ୍ମଧ୍ୟରୁ ୯ଟି ଗୋରୁଙ୍କ ମୃତ୍ୟୁ ହୋଇଥିଲା ।୨୯ ଜୀବନ୍ତ ଗୋରୁଙ୍କୁ ଆଦର୍ଶଥାନା ପୁଲିସ ବୋଲଗଡ଼ ଗୋଶାଳାରେ ଛାଡିଥିବାବେଳେ ଏହି ଘଟଣାରେ ୩ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତିମାନେ ହେଲେ ପଶ୍ଚିମବଙ୍ଗ ହାୱଡ଼ା ଜିଲ୍ଲା ଫତେପୁରର ଏସ୍‌କେ କାଲୁ (୩୫), ଉତ୍ତରପ୍ରଦେଶ ମୁଜାଫରନଗର ଜିଲ୍ଲା ରଥାଡି ଗ୍ରାମର ଏମ୍‌ଡି ନାବିଦ (୩୦) ଓ ମିରଟ୍ ସିଟି ଜିଲ୍ଲା ସାହାଜାହାନ କଲୋନୀର ସିରାଜଉଦ୍ଦିନ୍ (୪୫) ।

ସୂଚନା ଅନୁଯାୟୀ ବେଗୁନିଆରୁ କୋଲକାତା ଅଭିମୁଖେ ଏକ ଗୋରୁବୋଝେଇ କଣ୍ଟେନର୍ (ୟୁପି ୧୨ ଏଟି- ୯୯୧୧) ଆସୁଥିବା ଖବର ପାଇ ବଜରଙ୍ଗ ଦଳ ସଦସ୍ୟମାନେ ତାକୁ ପିଛା କରି ଭୋର ସମୟରେ ବାଟମଙ୍ଗଳା ଛକ ନିକଟରେ ଅଟକାଇଥିଲେ । ପରେ ଏଥିରେ ବେଆଇନ ଗୋଚାଲାଣ ହେଉଥିବା ଜାଣିବାରେ ପୁଲିସକୁ ଡାକି ଜିମା ଦେଇଥିଲେ ।

କଣ୍ଟେନର୍ ଯାଞ୍ଚବେଳେ ପୁଲିସ ତା' ଭିତରେ ୩୮ଗୋରୁ ବନ୍ଧା ହୋଇଥିବା ଦେଖିବାକୁ ପାଇଥିଲା । ଗୋରୁ ଉଦ୍ଧାରବେଳେ ୯ଟି ଗୋରୁ ମରିଥିବା ଜଣାପଡ଼ିଥିଲା । ଜୀବନ୍ତ ଗୋରୁଙ୍କୁ ଉଦ୍ଧାର କରି ଗୋଶାଳାରେ ଛାଡ଼ିଛି । ପୁଲିସ ଗାଡ଼ିରୁ ୩ଜଣଙ୍କୁ ଗିରଫ କରିଥିବାବେଳେ ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

## ଶିକ୍ଷକ ପ୍ରଶିକ୍ଷଣ ଶିବିର 'ପ୍ରେରଣା' ଉଦ୍‌ଘାଟିତ

ଟାଙ୍ଗୀ,୧୨।୨(ସମିସ): ବଳରାମଦେବ ବିଦ୍ୟାପୀଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପଞ୍ଚଦିବସୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର 'ପ୍ରେରଣା' ସହ ଗୋଷ୍ଠୀଶିକ୍ଷା ଅଧିକାରୀ ତଥା ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ସୁଧାଂଶୁ ମଞ୍ଜରୀ ଦେବୀଙ୍କ ଦ୍ୱାରା ଉଦ୍‌ଘାଟିତ ହେଇଯାଇଛି । ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଝରିଆର ପ୍ରଧାନଶିକ୍ଷକ ପ୍ରଦୀପ ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିରୂପେ ସହଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ବଳରାମଦେବ ସରକାରୀ ଉଚ୍ଚ ବିଦ୍ୟାପୀଠ ଟାଙ୍ଗୀର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱଜିତ ପଲେଇ, ମୁକ୍ତେଶ୍ୱର କ୍ଲଷ୍ଟର ପ୍ରାକ୍ତନ ସିଆର୍‌ସିସି ଅମିତ କୁମାର ଚକ୍ରବର୍ତ୍ତୀ, କ୍ଷେତ୍ରବାସୀ ଏକାଡେମୀ ନିରାକାରପୁରର ଶିକ୍ଷକ ବିଜୟ ସେଠୀ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟନାଲସିଂହର ଅଭିଜ୍ଞ ଶିକ୍ଷକ ନିଳାଦ୍ରୀ ସିଂହ, ସରକାରୀ ପ୍ରାଥମିକ ବିଦ୍ୟାଳୟ ସୁନ୍ଦରପୁର କଲୋନୀର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଲଳିତ ନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

### ● ଅଦିନିଆ ବର୍ଷାରେ ଫସଲ କ୍ଷୟକ୍ଷତି ପ୍ରସଙ୍ଗ

# ୨୩୩୬ ଚାଷୀଙ୍କୁ ମିଳିଲା କ୍ଷତିପୂରଣ

ବାଲୁଗାଁ, ୧୨।୨(ସମିସ): ଚଳିତ ବର୍ଷ ଭଲ ଧାନ ଫସଲ ହୋଇଥିବାବେଳେ ଅମଳ ସମୟରେ ଅଦିନିଆ ଲଗାଣବର୍ଷା ଚାଷୀ ଉପରେ ଦାଉ ସାଧିଥିଲା । ବର୍ଷା ପାଣିରେ ବହୁ ଧାନ ପଚିଯିବା ସହ ଗଜା ମାରି ନଷ୍ଟ ହୋଇଯିବାରେ କ୍ଷତିଗ୍ରସ୍ତ ଚାଷୀମାନେ ସରକାରୀ ସହାୟତା ପାଇଁ ସରକାର ଘୋଷଣା କରିଥିଲେ । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପ୍ରଶାସନ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ପ୍ରଦାନ କରିଥିଲେ । ସରକାରୀ ରିପୋର୍ଟ ଅନୁଯାୟୀ ଚିଲିକା, ବାଣପୁର ଓ ବାଲୁଗାଁ ଅଞ୍ଚଳର ସମୁଦାୟ ୬୪୮.୬୨୩୭ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ମୋଟ ୨୩୩୬ ଜଣ ପଞ୍ଜିକୃତ ଚାଷୀଙ୍କୁ ଧାନ ଫସଲ କ୍ଷତିପୁରଣ ବାବଦକୁ ୮୮ ଲକ୍ଷ ୯୯ ହଜାର ୨୯୯ ଟଙ୍କା ଅର୍ଥ ରାଶି କ୍ଷତିଗ୍ରସ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି । କିନ୍ତୁ ପ୍ରଶାସନିକ ରିପୋର୍ଟ ବାହାରେ ବହୁ କ୍ଷତିଗ୍ରସ୍ତ ଚାଷୀ ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । କ୍ଷତିଗ୍ରସ୍ତ ଚାଷୀଙ୍କ ନାମ ପଞ୍ଜୀକରଣ ଲାଗି ସ୍ୱଳ୍ପ ସମୟ ଏବଂ ସରକାରଙ୍କ କଡ଼ା ନିୟମ ବିଷୟରେ ଅନଭିଜ୍ଞ ଯୋଗୁଁ ବହୁ ଚାଷୀ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି ।

**ଅଧିକାଂଶ ଚାଷୀ ବଞ୍ଚିତ, ବଢ଼ିଲା ଅସନ୍ତୋଷ**

ସୂଚନା ମୁତାବକ ଚିଲିକା ନିର୍ବାଚନ ମଣ୍ଡଳୀରେ ଅଦିନିଆ ଲଘୁଚାପ ଜନିତ ବର୍ଷାରେ ବହୁ ଧାନ ଫସଲ ନଷ୍ଟ ହୋଇଥିଲା । ଧାର କରଜ କରି ତଥା ବ୍ୟାଙ୍କ ଓ ସୋସାଇଟିରୁ ଋଣ ଆଣି କରିଥିବା ଧାନ ଫସଲ ନଷ୍ଟ ହେବାରେ କିପରି ଋଣ ଶୁଝିବେ ସେ ନେଇ ଚାଷୀ ମୁଣ୍ଡରେ ହାତ ଦେଇ ଚିନ୍ତାରେ ପଡ଼ି ସରକାରୀ ସହାୟତା ପାଇଁ ନିବେଦନ କରିଥିଲେ । ମାତ୍ର କ୍ଷୟକ୍ଷତିର ଆକଳନ ପାଇଁ ସରକାରଙ୍କ ତରଫରୁ ଅନ୍‌ଲାଇନ୍ ରେଜିଷ୍ଟ୍ରେସନ କରିବାକୁ କୁହାଯାଇଥିବା ବେଳେ ବହୁ ଚାଷୀ ଅଶିକ୍ଷିତ ହୋଇଥିବାରୁ ତାହା କରିପାରି ନଥିଲେ । ଫଳରେ ସେମାନେ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି । ସରକାରୀ କ୍ଷୟକ୍ଷତି ଆକଳନ ତଥ୍ୟ ଅନୁଯାୟୀ ଚିଲିକା ବ୍ଲକର ୮ଟି ପଂଚାୟତ ଓ ବାଲୁଗାଁ ଏନଏସି ଅଂଚଳର ୨୧୩ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିଲା । ଏଥିରେ ସମୁଦାୟ ୭୩୧ ଜଣ ଚାଷୀଙ୍କୁ ଚିହ୍ନଟ କରାଯାଇ ୨୩ ଲକ୍ଷ ୮୨ ହଜାର ୨୯୯ ଟଙ୍କାର ସହାୟତା ଅର୍ଥ ରାଶି ପ୍ରଦାନ କରାଯାଇଥିବା ଚିଲିକା ତହସିଲଦାର କାହ୍ନୁଚରଣ ଘଡ଼େଇ ସୂଚନା ଦେଇଛନ୍ତି । ସେହିପରି ବାଣପୁର ବ୍ଲକର ୧୬ଟି ପଞ୍ଚାୟତ ଓ ଏନ୍‌ଏସି ଅଞ୍ଚଳର ୪୩୫.୬୨୩୭ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ସମୁଦାୟ ୧୬୦୫ ଜଣ ଚାଷୀଙ୍କୁ ଚିହ୍ନଟ କରାଯାଇ ୬୫ଲକ୍ଷ ୧୬ହଜାର ୯୦୭ ଟଙ୍କାର ସହାୟତା ଅର୍ଥ ରାଶି ପ୍ରଦାନ କରାଯାଇଥିବା ବାଣପୁର ତହସିଲଦାର ଟି. ପଦ୍ମନାଭ ଦୋରା ସୂଚନା ଦେଇଛନ୍ତି ।

## ବାପୁଜୀ କ୍ଲବ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ; ଅରଗୁଳ ସେମିରେ

ବେଗୁନିଆ,୧୨।୨(ସମିସ): ବେଗୁନିଆ ବ୍ଲକ୍ ପୋଢ଼ାଡିହ ପଞ୍ଚାୟତ ତଳଗଡ଼ ଗ୍ରାମର ବାପୁଜୀ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଛି । ଏଥିରେ ଅହମଦିଆ ଫୁଟବଲ କ୍ଲବ୍ କେରଙ୍ଗ ଓ ଗୋଲଡେନ୍ କ୍ଲବ୍ ଅରୁଗୁଳ ମଧ୍ୟରେ ଖେଳ ହୋଇଥିଲା । ଖେଳର ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ନ ଥିବା ବେଳେ ଟ୍ରାଇ ବେକର ସହାୟତାରେ ଅରଗୁଳ ୫-୪ ଗୋଲରେ ବିଜୟୀ ହୋଇ ସେମିକୁ ଉନ୍ନୀତ ହୋଇଛି । ସମାଜସେବୀ ହବିବୁଲା ଖାଁ, ଅନୱର ଅହମ୍ମଦ ଖାଁ, ବିପିନ ବିହାରୀ ଦାସ ଓ ପୂର୍ବତନ ସରପଞ୍ଚ ଚକ୍ରଧର ପାଇକରାୟ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ରେଫରୀ ରାଜୁ ମହାନ୍ତିଙ୍କ ନେତୃତ୍ୱରେ ରମେଶ ଚନ୍ଦ୍ର ପାଇକରାୟ, ବିଦେଶୀ ନାୟକ, ରଜନୀକାନ୍ତ ନାୟକ ପ୍ରମୁଖ ଲାଇନ ମ୍ୟାନ ଭାବେ ରହି ସହଯୋଗ କରିଥିଲେ । ଏହି ଖେଳକୁ ପ୍ରଥମ ଦିନରେ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟଅତିଥି ଓ ସରପଞ୍ଚ ହାଡୁ ବନ୍ଧୁ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଏଜେ କ୍ଲବ୍ ପାଇକ ତିଗିରିଆ ଓ ଭୁବନେଶ୍ୱର ମା ଫୁଟବଲ ଏମ୍‌ଏଫ୍‌ସି ମଧ୍ୟରେ ହୋଇଥିଲା । ପାଇକତିଗିରିଆ ୩-୨ ଗୋଲରେ ବିଜୟୀ ହୋଇ ସେମିକୁ ଉନ୍ନୀତ ହୋଇଥିଲା ।

# ମଦ ସହ ସ୍କୁଟି ଜବତ, ଅଭିଯୁକ୍ତ

ଖୋର୍ଦ୍ଧା,୧୨।୨(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ଥାର୍ପା ମାରାଣ୍ଡିଙ୍କ ନେତୃତ୍ୱରେ ଚଢାଉ କରି ୪୦ ଲିଟର ଦେଶୀ ମଦ ସହ ବ୍ୟବହୃତ ସ୍କୁଟି ଜବତ କରି ଅଭିଯୁକ୍ତକୁ ଗିରଫ କରିଛି । ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ଶ୍ରୀ ମାରାଣ୍ଡିଙ୍କ ସୂଚନା ଅନୁଯାୟୀ ବାଘମାରୀ- କଣ୍ଟିଲୋ ୪୮ ନମ୍ବର ରାଜ୍ୟ ରାଜପଥର ସିମୋର ଠାରେ ବାଘମାରୀ ଥାନା ଅନ୍ତର୍ଗତ କୋଟପଲା ଗ୍ରାମର ଅରୁଣ କୁମାର ଲେଙ୍କା(୨୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି କହିଛନ୍ତି ।

### ● ପରମେଶ୍ୱର ମହାପାତ୍ର ସ୍ମାରକୀ କ୍ରିକେଟ

## ସିକୋ କ୍ରିକେଟ୍ କ୍ଲବ ଚାମ୍ପିଅନ



ନିରାକାରପୁର,୧୨।୨(ସମିସ): ଖୋର୍ଦ୍ଧା ଜିଲ୍ଲା ରମାବିଲି ବାବା ନୀଳକଣ୍ଠେଶ୍ୱର କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ପରମେଶ୍ୱର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ର 'ଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚ ମୋଟା କ୍ରିକେଟ କ୍ଲବ ଓ ସିକୋ କ୍ରିକେଟ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।

ଟସ୍ ଜିତି ନିର୍ଦ୍ଧାରିତ ଓଭରରେ ସମସ୍ତ ୱିକେଟ ହରାଇ ୮୨ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ସିକୋ ଦଳ ୪ ୱିକେଟ ହରାଇ ୧୩ ଓଭରରେ ୮୬ ରନ୍ ସଂଗ୍ରହ କରି ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା । ଅତିଥି ଭାବେ ପରିବେଶବିତ୍ ତଥା ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀ ଚନ୍ଦନ, ରାଜ୍ୟ ଓଷ୍ଟା ସମ୍ପାଦକ ରମାକାନ୍ତ ମହାପାତ୍ର, ଜୟଦୁର୍ଗା କ୍ଲବ୍ ସଭାପତି ନିତ୍ୟାନନ୍ଦ ମଙ୍ଗରାଜ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଖେଳକୁ ନିରଞ୍ଜନ ସୁନ୍ଦରାୟ ଓ ଚିତ୍ତରଞ୍ଜନ ଜେନା ପରିଚାଳନା କରିଥିଲେ । ପ୍ରତାପ ମଙ୍ଗରାଜ, ଦିବ୍ୟଲୋଚନ ହରିଚନ୍ଦନ, ସୋମନାଥ ମାଣିଆ, ରାଜା ମହାପାତ୍ର, ବୃନ୍ଦାବନ ସାମନ୍ତରାୟ ଓ ବିଶ୍ୱନାଥ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

### ଭିନ୍ନକ୍ଷମ ପ୍ରମାଣପତ୍ର ମେଗା କ୍ୟାମ୍ପ ଉଦ୍‌ଯାପିତ

# ଜିଲ୍ଲାରେ ୩୪୮୯ ଜଣ ପାଇଲେ ପ୍ରମାଣପତ୍ର



ଖୋର୍ଦ୍ଧା,୧୨।୨(ସମିସ): ଜିଲ୍ଲାର ୧୦ଗୋଟି ଜଟଣୀ, ଟାଙ୍ଗୀ, ବୋଲଗଡ଼, ବାଲୁଗାଁ, ବାଣପୁର, ଚିଲିକା, ବେଗୁନିଆ, ଭୁବନେଶ୍ୱର, ବାଲିଅନ୍ତା, ଖୋର୍ଦ୍ଧା ସମେତ ବାଣପୁର, ବାଲୁଗାଁ ଏନ୍‌ଏସସି ଏବଂ ଜଟଣୀ ପୌରପରିଷଦ ଏବଂ ଖୋର୍ଦ୍ଧା ପୌରପରିଷଦକୁ ନେଇ ଗତ ଜାନୁୟାରୀ ୨ ତାରିଖରୁ ଆରମ୍ଭ ହୋଇଥିବା ଭିନ୍ନକ୍ଷମ ପ୍ରମାଣପତ୍ର ମେଗା କ୍ୟାମ୍ପ ଉଦ୍‌ଯାପିତ ହୋଇଛି । ଏଥିରେ ୪ଟି ବିଭାଗ ଯଥା- ଅସ୍ଥିଶଲ୍ୟ, କର୍ଣ୍ଣ ନାଶା ଗଳା, ମାନସିକ ଏବଂ ଚକ୍ଷୁ ବିଭାଗକୁ ନେଇ ଏହି କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା । ଏଥିରେ ମୋଟ ୫୭୧୪ଜଣ ଆବେଦନକାରୀ ବିଭିନ୍ନ ବିଭାଗରେ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇଁ ଆବେଦନ କରିଥିବା ବେଳେ ସେଥି ମଧ୍ୟରୁ ୩୪୮୯ ଜଣ ଆବେଦନକାରୀଙ୍କ ଦରଖାସ୍ତକୁ ବିଚାରକୁ ନିଆଯାଇ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇ ଦିଆଯାଇଛି ।

ଏଥିରେ ଅସ୍ଥିଶଲ୍ୟ ବିଭାଗରେ ସର୍ବାଧିକ ୨୪୫୭ଜଣ ଆବେଦନକାରୀ ଥିବା ବେଳେ ଚକ୍ଷୁ ବିଭାଗରେ ସର୍ବ ନିମ୍ନ ୭୦୭, କର୍ଣ୍ଣ ନାସା ଗଳାରେ ୧୦୪୨ ଏବଂ ମାନସିକ ବିଭାଗରେ ୧୪୧୩ଜଣ ଆବେଦନକାରୀ ଆବେଦନ କରିଥିଲେ । ସେଥି ମଧ୍ୟରୁ ଜଟଣୀ ବ୍ଲକ୍‌ରେ ଅସ୍ଥିଶଲ୍ୟ ବିଭାଗରେ ୨୧୦, ମାନସିକ ବିଭାଗରେ ୧୨୨, କର୍ଣ୍ଣ ନାଶା ଗଳାରେ ୧୧୭, ଚକ୍ଷୁ ବିଭାଗରେ ୬୯, ଟାଙ୍ଗୀ ବ୍ଲକ୍‌ରେ ଅସ୍ଥିଶଲ୍ୟ ବିଭାଗରେ ୩୦୮, ମାନସିକ ବିଭାଗରେ ୧୭୮, କର୍ଣ୍ଣ ନାଶା ଗଳାରେ ୧୦୧, ଚକ୍ଷୁ ବିଭାଗରେ ୮୮ ଅନ୍ୟାନ୍ୟ ୩୮ଜଣ ଆବେଦନ କରିଥିବା ବେଳେ ବାଲିଅନ୍ତାରେ ଅସ୍ଥିଶଲ୍ୟ ବିଭାଗରେ ୧୫୬, ମାନସିକ ବିଭାଗରେ ୯୫, କର୍ଣ୍ଣ ନାଶା ଗଳାରେ ୪୮, ଚକ୍ଷୁ ବିଭାଗରେ ୩୮ ଓ ଅନ୍ୟାନ୍ୟ ୫ଜଣ, ବୋଲଗଡ଼ ଅସ୍ଥିଶଲ୍ୟ ବିଭାଗରେ ୨୬୯, ମାନସିକ ବିଭାଗରେ ୧୩୬, କର୍ଣ୍ଣ ନାଶା ଗଳାରେ ୯୭, ଚକ୍ଷୁ ବିଭାଗରେ ୪୮ ଜଣ, ବାଣପୁର ବ୍ଲକ୍ ଏବଂ ବାଣପୁର ଏନଏସସିରେ ଅସ୍ଥିଶଲ୍ୟ ବିଭାଗରେ ୨୬୨,ମାନସିକ ବିଭାଗରେ ୧୩୨, କର୍ଣ୍ଣ ନାଶା ଗଳାରେ ୮୪, ଚକ୍ଷୁ ବିଭାଗରେ ୮୯ ଅନ୍ୟାନ୍ୟ ୧୧ଜଣ, ଚିଲିକା ଅସ୍ଥିଶଲ୍ୟ ବିଭାଗରେ ୩୪୬, ମାନସିକ ବିଭାଗରେ ୧୭୦, କର୍ଣ୍ଣ ନାଶା ଗଳାରେ ୧୪୧, ଚକ୍ଷୁ ବିଭାଗରେ ୧୦୯ ଅନ୍ୟାନ୍ୟ ୧୪ଜଣ, ବେଗୁନିଆ ଅସ୍ଥିଶଲ୍ୟ ବିଭାଗରେ ୨୬୯, ମାନସିକ ବିଭାଗରେ ୧୮୧, କର୍ଣ୍ଣ ନାଶା ଗଳାରେ ୧୪୮, ଚକ୍ଷୁ ବିଭାଗରେ ୬୭ ଅନ୍ୟାନ୍ୟ ୬ଜଣ, ଭୁବନେଶ୍ୱର ଅସ୍ଥିଶଲ୍ୟ ବିଭାଗରେ ୧୫୧, ମାନସିକ ବିଭାଗରେ ୭୧, କର୍ଣ୍ଣ ନାଶା ଗଳାରେ ୬୪, ଚକ୍ଷୁ ବିଭାଗରେ ୪୫ ଅନ୍ୟାନ୍ୟ ୫ଜଣ, ବାଲିପାଟଣା ଅସ୍ଥିଶଲ୍ୟ ବିଭାଗରେ ୨୨୮, ମାନସିକ ବିଭାଗରେ ୧୪୮, କର୍ଣ୍ଣ ନାଶା ଗଳାରେ ୧୦୪, ଚକ୍ଷୁ ବିଭାଗରେ ୬୨ ଜଣ ଆବେଦନକାରୀ ଆବେଦନ କରିଥିବା ବେଳେ ଖୋରଧା ବ୍ଲକ୍ ଏବଂ ଖୋର୍ଦ୍ଧା ପୌରପରିଷଦରେ ଅସ୍ଥିଶଲ୍ୟ ବିଭାଗରେ ୨୫୮, ମାନସିକ ବିଭାଗରେ ୧୮୦, କର୍ଣ୍ଣ ନାଶା ଗଳାରେ ୧୩୮, ଚକ୍ଷୁ ବିଭାଗରେ ୯୨ ଅନ୍ୟାନ୍ୟ ୧୬ଜଣ ଆବେଦନକାରୀ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ ।

ଏହି କ୍ୟାମ୍ପରେ ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ଣ୍ଣ ନାଶା ଗଳାର ଡାକ୍ତର ସରୋଜ ରଞ୍ଜନ ନାୟକ, ମାନସିକ ବିଭାଗର ଡାକ୍ତର ଆଲୋକ ଜ୍ୟୋତି ସାହୁ, ଅସ୍ଥିଶଲ୍ୟ ବିଭାଗର ଡାକ୍ତର ଅୟସକାନ୍ତ ଶତପଥୀ, ଚକ୍ଷୁ ବିଭାଗର ଡାକ୍ତର ମମତା ରାଣୀ ନାୟକ, ମନସ୍ତତ୍ତ୍ୱବିତ୍ ମଧୁସ୍ମିତା ପରିଡ଼ା, ରେଡ଼ିଓଲୋଜିଷ୍ଟ ଶକ୍ତିପ୍ରସାଦ ମହାନ୍ତି ଯୋଗ ଦେଇ ଆବେଦନକାରୀଙ୍କ ପରୀକ୍ଷା କରିବା ସହିତ ସେମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଆବେଦନକାରୀଙ୍କ ଦରଖାସ୍ତକୁ ପଞ୍ଜିକୃତ କରିବାରେ ବିକ୍ରମ ବେହେରା ପଞ୍ଜିକୃତ କରିଥିଲେ । ସ୍ଥାନୀୟ ଜନପ୍ରତିନିଧି ସରକାରୀ କର୍ମଚାରୀ ସହଯୋଗ କରିଥିଲେ ।

## ଆଇଆଇଟିର ୧୭ତମ ପ୍ରତିଷ୍ଠା ଦିବସ

# 'ଆମେ ଏପରି ଜ୍ଞାନ ସୃଷ୍ଟି କରିବା ଯାହା ବିଶ୍ୱକୁ ସୂଚନା ଦେବ'

ଜଟଣୀ,୧୨।୨(ସମିସ)



ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ର ୧୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ହରି ବାବୁ କମ୍ଭମପାଟି ଯୋଗ ଦେଇଥିଲେ । ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ, ଆଇଆଇଟିର ବହୁବିଧ ପାଠ୍ୟକ୍ରମ ଏବଂ ଶିଳ୍ପ-ଶିକ୍ଷା ସହଯୋଗ ଉପରେ ଧ୍ୟାନ ଏହାକୁ ପୃଥକ କରିଛି । ଛାତ୍ରଛାତ୍ରୀଙ୍କୁ ବିଶ୍ୱାସ, ସାହସ ଏବଂ କରୁଣା ସହିତ ନେତୃତ୍ୱ ନେବାକୁ ଆହ୍ୱାନ କରି ରାଜ୍ୟପାଳ ମହତ୍ୱାକାଂକ୍ଷୀ ପ୍ରକଳ୍ପଗୁଡ଼ିକୁ ଅନୁସରଣ କରିବାକୁ କହିଥିଲେ । ଏଥିସହ 'ବିକଶିତ ଭାରତ' ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ' ଦୃଷ୍ଟିକୋଣରେ ଯୋଗଦେବାକୁ ଉତ୍ସାହିତ କରିଥିଲେ ।

ଆଇଆଇଟି ୨୦୦୮ରେ ପ୍ରତିଷ୍ଠା ହେବା ପରଠାରୁ ପ୍ରତିଷ୍ଠାନର ଉଲ୍ଲେଖନୀୟ ଅଗ୍ରଗତିକୁ ରାଜ୍ୟପାଳ ପ୍ରଶଂସା କରିବା ସହ ଏହାକୁ ବିଶ୍ୱସ୍ତରୀୟ ଉତ୍କର୍ଷତା ପାଇଁ ପ୍ରୟାସ କରିବାକୁ ଅନୁରୋଧ କରିଥିଲେ । ଏହି ଅବସରରେ ରାଜ୍ୟପାଳ ପ୍ରତିଷ୍ଠାନର ବିଭିନ୍ନ ପ୍ରମୁଖ ଗବେଷଣା ଏବଂ ବିକାଶ ସୁବିଧା ପରିଦର୍ଶନ କରିଥିଲେ । ତେବେ ବାର୍ଷିକ ସାଂସ୍କୃତିକ ଏବଂ ଟେକ୍ନୋପ୍ରେନ୍ୟୁରସିପ୍ ଫେଷ୍ଟର ପ୍ରଥମ ସଂସ୍କରଣ 'ପ୍ରବାହ'ର ଶୁଭାରମ୍ଭ କରାଯାଇଥିଲା । ଏଥିସହ ଦୁଇଟି ୮ସିଟ୍ ବିଶିଷ୍ଟ ବୈଦ୍ୟୁତିକ ଯାନର ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରାଯାଇଥିଲା । ଉଦ୍‌ଘାଟନ ଉତ୍ସବରେ କାନାରା ବ୍ୟାଙ୍କର ସର୍କଲ୍ ହେଡ୍ ଜଗଦୀଶ ଚନ୍ଦର, ସିଏସ୍‌ଆର ସେଲ୍‌ର ପ୍ରଫେସର ନରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ମିହିର ପଣ୍ଡିତ, ପ୍ରତିଷ୍ଠାନର ରେଜିଷ୍ଟ୍ରାର ବାମାଦେବ ଆଚାର୍ଯ୍ୟ ଉପସ୍ଥିତ ଥିଲେ । ଡିନ୍ ପ୍ରଫେସର ରାଜେଶ ରୋଶନ ଦାଶ ଧନ୍ୟବାଦ ଦେଇଥିଲେ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଷ୍ଟେସନ୍‌ରୁ ମୋବାଇଲ୍ ଲୁଟ୍ ଘଟଣାରେ ୨ ଗିରଫ, ୫ମୋବାଇଲ୍ ଜବତ



ଜଟଣୀ,୧୨।୨(ସମିସ): ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍‌ର ଟିଟିଇ ବିଶ୍ରାମଗାର ଓ ପ୍ଲାଟଫର୍ମରୁ ମୋବାଇଲ୍ ଲୁଟ୍ ଘଟଣାରେ ପୁଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ୨ ଅଭିଯୁକ୍ତ ହେଲେ ବଛରାପାଟଣାର ବିଭୂତି ଦାସ ଓରଫ ଅନନ୍ତ (୩୪) ଓ ସିଦ୍ଧାର୍ଥ ମହାପାତ୍ର ଓରଫ ଛୋଟୁ (୩୪) । ସେମାନଙ୍କ ନିକଟରୁ ୫ଟି ଚୋରି ମୋବାଇଲ୍ ଫୋନ୍ ଜବତ କରିଛି ପୁଲିସ ।

